



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୬୫ ● ୨୬ ଅକ୍ଟୋବର ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-265 ● 26th October 2026, Monday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27



CBC 19101/13/0019/2627

Ministry of Home Affairs Government of India

ଏହା ଦେଶ ପ୍ରେମର ପଥ
ଚାଲନ୍ତୁ ଏକତା ନଗର ଯିବା

ଆନ୍ତରିକ ସୁରକ୍ଷା ବଳକୁ ସମ୍ମାନ

ଏକ ସ୍ଥାନରେ ଏକତାର ଅନେକ ରଙ୍ଗ ଦେଖନ୍ତୁ

ରାଷ୍ଟ୍ରୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ

ଭାରତ ପର୍ବ
୧ ରୁ ୧୫ ନଭେମ୍ବର,୨୦୨୬ ଏକତା ନଗର, ଗୁଜରାଟ

Rashtriya Ekta Diwas 31st OCTOBER, 2026

ସୂଚନା ଏବଂ ରହଣିର ବୁକିଂ ପାଇଁ rashtriyaektadiwas.comକୁ ସ୍କାନ କରନ୍ତୁ କିମ୍ବା ପରିଦର୍ଶନ କରନ୍ତୁ



ଶ୍ରୀ ନରେନ୍ଦ୍ର ମୋଦୀ
ମାନନୀୟ ପ୍ରଧାନମନ୍ତ୍ରୀ




## ଓଡ଼ିଶାରେ ଆରବିଆଇର ଡାଟା ସେଣ୍ଟର ଓ ସାଇବର ସୁରକ୍ଷା ପ୍ରଶିକ୍ଷଣ ସଂସ୍ଥା ଉଦ୍‌ଘାଟିତ

# 'ଖଣିରୁ ମାଇକ୍ରୋଚିପ୍ ପର୍ଯ୍ୟନ୍ତ ନୂଆ ଭବିଷ୍ୟତ ଲେଖିବ ଓଡ଼ିଶା'

ଭୁବନେଶ୍ୱର, ୨୫।୧୦
ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଭୁବନେଶ୍ୱରଠାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଡାଟା ସେଣ୍ଟର ଓ ସାଇବର ସୁରକ୍ଷା ପ୍ରଶିକ୍ଷଣ ସଂସ୍ଥାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନିଜ ଅଭିଭାଷଣରେ ସେ କହିଥିଲେ ଯେ ଏହି ଦୁଇଟି ସୁବିଧା ଦେଶର ବ୍ୟାଙ୍କିଂ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ, ଦକ୍ଷ ଓ ନିର୍ଭରଯୋଗ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ପୂର୍ବ ଭାରତ ବିକଶିତ ଭାରତର ଏକ ଶକ୍ତିଶାଳୀ ବିକାଶ ଇଞ୍ଜିନ୍ ଭାବେ ଉଭା ହେଉଥିବା ବେଳେ ଓଡ଼ିଶା ପ୍ରାକୃତିକ ସମ୍ପଦ ସହ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମଧ୍ୟ ନିଜ ଅର୍ଥନୀତିକୁ ସୁଦୃଢ଼ କରୁଛି ବୋଲି ସେ କହିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଓଡ଼ିଶାରେ ଖଣିଜ ଆଧାରିତ ଶିଳ୍ପର ସମ୍ପ୍ରସାରଣ ସହ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏକ ନୂତନ ଇକୋସିଷ୍ଟମ୍ ବିକଶିତ କରିବା ପାଇଁ ପ୍ରୟାସ ଜାରି ରହିଛି। ରାଜ୍ୟରେ ଡାଟା ସେଣ୍ଟର ଓ ଉନ୍ନତ



କମ୍ପ୍ୟୁଟିଂ କ୍ଷେତ୍ରରେ ନିବେଶର ନୂଆ ସମ୍ଭାବନା ସୃଷ୍ଟି ହେଉଛି। ଏହା ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ଓ ବିକାଶର ନୂଆ ସୁଯୋଗ ଖୋଲିବ। ଓଡ଼ିଶା 'ଖଣିରୁ ମାଇକ୍ରୋଚିପ୍ ପର୍ଯ୍ୟନ୍ତ' ବିକାଶର ଏକ ନୂଆ କାହାଣୀ ଲେଖିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ବ୍ୟାଙ୍କିଂ ଓ ଆର୍ଥିକ କ୍ଷେତ୍ରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭୁବନେଶ୍ୱର ନୂତନ ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଭେଟି ଦେଇଛି। ଏହି ଦୁଇଟି ସୁବିଧାର *(ପୃଷ୍ଠା ୭ରେ)*

# ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ

ଭୁବନେଶ୍ୱର, ୨୫।୧୦ : ନ୍ୟୁଜ୍ ବ୍ୟୁରୋ

ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଏହି ବାତ୍ୟା ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ୨୮ ତାରିଖରେ ସ୍ଥଳଭାଗ ଛୁଇଁବ। ତେବେ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁବାର ଅଧିକ ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବ ।

ବିଶେଷକରି ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ଓ ପବନ ବହିବାର ସମ୍ଭାବନା ରହିଛି ।ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲା ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଅଛି । ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ବର୍ଷାର ସମ୍ଭାବନା ରହିଛି। ଏହି ୫ଟି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖ ଦିନ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ମୁକାବିଲା ପାଇଁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନଗୁଡ଼ିକ ପକ୍ଷରୁ ଗଜପତି, ଗଞ୍ଜାମ, କୋରାପୁଟ, ରାୟଗଡ଼ା ଏବଂ



ମାଲକାନଗିରି ଜିଲ୍ଲାରେ ବିଭିନ୍ନ ପଦକ୍ଷେପ ନିଆଯାଇଛି।

ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ଜିଲ୍ଲାସ୍ତରୀୟ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟାଳୟରେ ରହିବାକୁ କୁହାଯାଇଛି।୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ହୋଇଛି । ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲା ଜରୁରୀକାଳୀନ ଅପରେସନ୍ କେନ୍ଦ୍ର ସମେତ ସମସ୍ତ ବ୍ଲକ, ତହସିଲ ଓ ପୌରାଞ୍ଚଳରେ ୨୪/୭ *(ପୃଷ୍ଠା ୭ରେ)*

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ୮ ଜିଲ୍ଲାରେ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୧୦ : ନ୍ୟୁଜ୍ ବ୍ୟୁରୋ

ଅକ୍ଟୋବର ୨୮ରେ ଓଡ଼ିଶା-ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଏକ ସମ୍ଭାବ୍ୟ ବାତ୍ୟା ମୁହାଁଇବାର ଆଶଙ୍କା ଥିବାରୁ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଓ ସ୍ଥିତିର ତଦାରଖ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୮ଟି ଜିଲ୍ଲା ପାଇଁ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ସରକାରୀ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି।

ବିଜ୍ଞପ୍ତି ଅନୁଯାୟୀ, ମନ୍ତ୍ରୀମାନେ ଅକ୍ଟୋବର ୨୭ରୁ ୨୯ ପର୍ଯ୍ୟନ୍ତ ନିଜ ନିଜ ଦାୟିତ୍ୱରେ ଥିବା ଜିଲ୍ଲାରେ ରହି ବାତ୍ୟା ମୁକାବିଲା ପ୍ରସ୍ତୁତିର ସମନ୍ୱୟ ରକ୍ଷା କରିବେ। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଯେପରି ସମୟୋଚିତ ଭାବେ ନିଆଯାଏ, ସେଥିପ୍ରତି ସେମାନେ ନଜର ରଖିବେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ କୋରାପୁଟ ଜିଲ୍ଲା ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ରାୟଗଡ଼ା ଜିଲ୍ଲାର ଦାୟିତ୍ୱ ଦିଆଯାଇଛି। ସେହିପରି ରବି ନାରାୟଣ ନାଏକଙ୍କୁ କନ୍ଧମାଳ, ବିଭୂତି ଭୂଷଣ ଜେନାଙ୍କୁ ଗଞ୍ଜାମ, କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ନବରଙ୍ଗପୁର, ନିତ୍ୟାନନ୍ଦ ଗଣ୍ଡଙ୍କୁ ମାଲକାନଗିରି, ମୁକେଶ ମହାଲିଙ୍ଗଙ୍କୁ କଳାହାଣ୍ଡି ଏବଂ ସୂର୍ଯ୍ୟବଂଶୀ ସୂରଜଙ୍କୁ ଗଜପତି ଜିଲ୍ଲାର ଦାୟିତ୍ୱ ଦିଆଯାଇଛି।

ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟକୁ ଅଧିକ ମଜବୁତ କରିବା ଏବଂ ଆଗୁଆ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଧରା ଧାମେ ମହାଲକ୍ଷ୍ମୀ ମାତା
ହୋଇଛନ୍ତି ବିରାଜିତ
ସ୍ମରିତାଙ୍କୁ କର୍ମ ଆଦରିଲେ
ଦୁଃଖ ହେବ ପରାଜିତ
ଭକତ ଯେ ବିମୋହିତ
କମଳଆସେ ମା' କମଳା
ଅନ୍ଧାର ତେଜଇ ତେଜ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୫୮ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୭୦ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୬୯୪ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୨୦ (+୦)

# 'ମନ୍ କି ବାତ୍'ରେ ସାଂସଦ ଶିବାନୀଙ୍କ ଅଙ୍ଗଦାନ ବିଷୟରେ ଉଲ୍ଲେଖ କଲେ ପ୍ରଧାନମନ୍ତ୍ରୀ

ଭୋପାଳ, ୨୫।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦିନ ତାଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶର ନର୍ମଦାପୁରମ ଜିଲ୍ଲାର ଶିବାନୀଙ୍କ ପରିବାର ଦ୍ୱାରା ନିଆଯାଇଥିବା ଅଙ୍ଗଦାନ ନିଷ୍ପତ୍ତି ବିଷୟରେ ଉଲ୍ଲେଖ କରିଥିଲେ। ପରିବାରର ଏହି ନିଷ୍ପତ୍ତିକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ଏହାକୁ ସମସ୍ତଙ୍କ ପାଇଁ ପ୍ରେରଣା ବୋଲି କହିଛନ୍ତି। ଏଥିପାଇଁ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ସେ ଏହି କାର୍ଯ୍ୟକ୍ରମ ଶୁଣି ଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦିନ ଲୋକପ୍ରିୟ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ୧୩୧ତମ ଅଧ୍ୟାୟରେ ଚିକିତ୍ସା କ୍ଷେତ୍ରରେ ଦେଶରେ ଚାଲିଥିବା ଗବେଷଣା ଏବଂ ନବସୃଜନ ବିଷୟରେ *(ପୃଷ୍ଠା ୭ରେ)*

## ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମନ କି ବାତ କାର୍ଯ୍ୟକ୍ରମ ଶୁଣିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଭୁବନେଶ୍ୱର, ୨୫।୧୦ : ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ 'ମନ୍ କି ବାତ୍' *(ପୃଷ୍ଠା ୭ରେ)*




## କୋଟିଆରେ ଓଡ଼ିଶା-ଆନ୍ଧ୍ର ପୁଲିସ ମୁହାଁମୁହିଁ

ପଟାଙ୍ଗୀ/କୋରାପୁଟ, ୨୫।୧୦
ନ୍ୟୁଜ୍ ବ୍ୟୁରୋ

କୋଟିଆରେ ଆନ୍ଧ୍ର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବା ପରେ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଓ ରାଜ୍ୟ ମଧ୍ୟରେ ରାଜନୈତିକ ଉଷ୍ମତା ତେଜିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ରବିବାର ସୌରଶକ୍ତି ପ୍ଲେଟ୍ ବଣ୍ଟନ ପାଇଁ ଆସିଥିବା ଆନ୍ଧ୍ରପ୍ରଦେଶର ଏକ ଟିମ୍‌କୁ କୋଟିଆ ନିକଟରୁ ସ୍ଥାନୀୟ ବିଜେପିର କର୍ମକର୍ତ୍ତା ଓ କର୍ମୀମାନେ ଘଉଡ଼ାଇଛନ୍ତି। ଅଟକଥିବା ସୌରଶକ୍ତି ପ୍ଲେଟ୍ ବୋଝେଇ ଗାଡ଼ିକୁ ମୁକୁଳାଇବା ପାଇଁ ଆସିଥିବା ଆନ୍ଧ୍ରପ୍ରଦେଶ ପୁଲିସ ସହ ଓଡ଼ିଶା ପୁଲିସ ମୁହାଁମୁହିଁ ହୋଇଥିଲେ।

# ଦୁଇଟି ବଡ଼ ସଂଘର୍ଷର ମୂଲ୍ୟ ଦେଉଛି ବିଶ୍ୱ, ଭାରତର ସ୍ୱର ବୈଶ୍ୱିକ ଭାବନାର ପ୍ରତିଫଳନ



ନୂଆଦିଲ୍ଲୀ, ୨୫।୧୦

ବିଶ୍ୱ ଏବେ ୟୁକ୍ରେନ୍ ଓ ପଶ୍ଚିମ ଏସିଆରେ ଚାଲିଥିବା ଦୁଇଟି ବଡ଼ ସଂଘର୍ଷରେ ଛନ୍ଦି ହୋଇପଡ଼ିଛି। ଏହାର ସବୁଠାରୁ ବଡ଼ ମୂଲ୍ୟ ସେହି ସମାଜ ଓ ଅର୍ଥନୀତିଗୁଡ଼ିକୁ ଦେବାକୁ ପଡୁଛି, ଯେଉଁମାନଙ୍କର ଏହି ସଂଘର୍ଷ ସହ କୌଣସି ସମ୍ପର୍କ ନାହିଁ। ଏଭଳି ପରିସ୍ଥିତିରେ ଆମେ ନିରୁପାୟ ଦର୍ଶକ ହୋଇ ରହିପାରିବା ନାହିଁ। ଆଲୋଚନା ଓ କୂଟନୀତି ଉପରେ ଗୁରୁତ୍ୱ ଦେଇ ଭାରତ ପ୍ରକୃତରେ ବୈଶ୍ୱିକ ଭାବନାକୁ ପ୍ରତିଫଳିତ କରୁଛି। ଏହି ଦିଗରେ ଅନ୍ୟ ସହଯୋଗୀ ଦେଶମାନଙ୍କ ସହ କାମ କରିବାକୁ ଭାରତ ପ୍ରସ୍ତୁତ ବୋଲି ବୈଦେଶିକ ମନ୍ତ୍ରୀ ଡ. ଏସ୍. ଜୟଶଙ୍କର ରବିବାର କହିଛନ୍ତି।

ଚିନ୍ମୟ ଅମୃତ ମହୋତ୍ସବ ଗ୍ଲୋବାଲ୍ ସମ୍ମିଳନୀକୁ ସମ୍ବୋଧିତ କରି ଜୟଶଙ୍କର କହିଛନ୍ତି ଯେ, ଜଟିଳ ଯୋଗାଣ ଶୃଙ୍ଖଳ, ବିଶ୍ୱୀକୃତ ବଜାର ଓ ସମାନ ଭାବେ ବ୍ୟବହୃତ ସମ୍ବଳର ଏହି ଯୁଗରେ ବିଶ୍ୱର ଗୋଟିଏ ଭାଗ ସମୃଦ୍ଧ ହେବା ଏବଂ ଅନ୍ୟ ଭାଗ ବଞ୍ଚିତ ରହିବା ସହିତ ପ୍ରଗତି ସମ୍ଭବ ନୁହେଁ। ଏଭଳି ଅସମାନତା କେବଳ ନିରନ୍ତର ଅସ୍ଥିରତାକୁ ବଜାୟ ରଖିବାର ମାଧ୍ୟମ ହେବ।

ଆତଙ୍କବାଦ ଶାନ୍ତି ପାଇଁ ଏକ ବଡ଼ ବିପଦ ବୋଲି ଅଭିହିତ କରି ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ, କିଛି ଦେଶ ଏବେ ମଧ୍ୟ ରାଜନୈତିକ ସ୍ୱାର୍ଥ ଓ ଗଣନାକୁ ପ୍ରାଥମିକତା ଦେଉଛନ୍ତି। ରାଷ୍ଟ୍ରନୀତିର ଏକ ଅସ୍ତ୍ର ଭାବେ ଆତଙ୍କବାଦର *(ପୃଷ୍ଠା ୭ରେ)*


15001/123/2627



## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ସାଧାରଣ ଜୀବନରେ ସାଧୁତା ଓ ସ୍ୱଚ୍ଛତାକୁ ପାଳନ କରିବାକୁ ଅନୁରୋଧ କରୁଛି ।

ଦୁର୍ନୀତି ପ୍ରଗତିର ଅନ୍ତରାୟ । ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦୁର୍ନୀତିମୁକ୍ତ ଶାସନ ଅପରିହାର୍ଯ୍ୟ । କେବଳ ସରକାରୀ ପ୍ରୟାସ ନୁହେଁ, ବରଂ ସଚେତନ ନାଗରିକଙ୍କ ସକ୍ରିୟ ସହଭାଗିତା ହିଁ ଦୁର୍ନୀତି ବିରୋଧୀ ଅଭିଯାନକୁ ସଫଳ କରିପାରିବ । ରାଜ୍ୟର ପ୍ରତ୍ୟେକ ଜନସାଧାରଣ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆପଣାଇଲେ ଆମ ଶାସନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ।

ଆମ ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବାକୁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ 'ଜିରୋ ଟଲେରାନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି । ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଅସାଧୁ ଅବସରପ୍ରାପ୍ତ ଅଧିକାରୀମାନଙ୍କ ପେନସନ ମଧ୍ୟ ବନ୍ଦ କରାଯାଇଛି । ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସର କାର୍ଯ୍ୟାନୁଷ୍ଠାନ ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ରିପୋର୍ଟ ଅନୁଯାୟୀ ଓଡ଼ିଶା ଭିଜିଲାନ୍ସ ଦେଶର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦୁର୍ନୀତି ନିବାରଣ ସଂସ୍ଥା ଭାବେ ସ୍ଥାନ ପାଇଛି । ଏହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ । ଏଥିପାଇଁ ମୁଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଉଛି ।

ଆସନ୍ତୁ, ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବା । ସାଧୁତା ଓ ସ୍ୱଚ୍ଛତାକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ କରି "ସମୃଦ୍ଧ ଓଡ଼ିଶା" ଗଢିବାରେ ସହାୟକ ହେବା । ଆପଣଙ୍କ ସହଯୋଗ ହିଁ ହେବ ସମୃଦ୍ଧ ଓଡ଼ିଶାର ଆଧାର ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0122

32 YEARS

ସମ୍ବାଦ କଳିଙ୍ଗ

ଭୁବନେଶ୍ୱର ୨୬ ଅକ୍ଟୋବର ସୋମବାର ୨୦୨୬






# ଜୁଆ ଆଡ୍ଡାରୁ ଲକ୍ଷାଧିକ ଟଙ୍କା ସହ ୭ ମୋବାଇଲ ଜବତ : ୭ କୋର୍ଟ ଚାଲାଣ



**ରମ୍ଭା, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଥାନା ପୋଲିସ ପକ୍ଷରୁ କୌଣସି ସୂତ୍ରରୁ ଖବର ପାଇ ଜୁଆ ଆଡା ଉପରେ ଚଢ଼ଉ କରାଯାଇ ଲକ୍ଷାଧିକ ଟଙ୍କା ଜବତ ଓ ଜୁଆଡ଼ିମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାଶି ପଂଚାୟତର ବରପଲ୍ଲୀ ଓ ଭୁଆଁଭୁଇଁ ଗ୍ରାମର ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଦୀର୍ଘଦିନ ଧରି ଜୁଆ ଖେଳ ଚାଲିଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ରମ୍ଭା ଥାନା ଅଧିକାରୀ କୁମର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ବିଳମ୍ବିତ ରାତିରେ ଜୁଆ ଆଡ୍ଡାରେ ଚଢାଉ କରିଥିଲେ । ଏହି ଚଢାଉରେ ୭ ଜଣ ପେସାଦାର ଜୁଆଡି ଗିରଫ ହୋଇଛନ୍ତି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଅଜୟ ବେହେରା, ରବୀନ୍ଦ୍ରନାଥ ବେହେରା, ନରସିଂହ ବେହେରା, ଜୟଦେବ ବେହେରା, ପ୍ରଶାନ୍ତ ବେହେରା, ସୁଶାନ୍ତ ବେହେରା ଏବଂ ଅଶୋକ ବେହେରା। ସମସ୍ତେ ରମ୍ଭା ଅଞ୍ଚଳର ବୋଲି ପୁଲିସ ସୂଚନା ଦେଇଛି । ପୁଲିସ ସେମାନଙ୍କ ନିକଟରୁ ନଗଦ ୧ ଲକ୍ଷ ୬ ହଜାର ୫୧୦ ଟଙ୍କା, ୧୯ ସେଟ୍ ତାସ ପତି ଏବଂ ୭ଟି ମୋବାଇଲ ଫୋନ ଜବତ କରିଛି । ଜବତ ଟଙ୍କା ଜୁଆ ଖେଳରୁ ଆସିଥିବା ପୋଲିସ ଅନୁମାନ କରୁଛି । ଏ ନେଇ ରମ୍ଭା ଥାନାରେ କେଶ୍ ନଂ-୭୫୧/୨୬ ମାମଲା ରୁଜୁ କରାଯାଇ ସମସ୍ତ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ରମ୍ଭା ଅଞ୍ଚଳରେ ବିଗତ କିଛି ଦିନ ହେବ ଜୁଆ ଖେଳ ବଢିଥିବା ନେଇ ଅଭିଯୋଗ ଆସୁଥିଲା। ଏହାପରେ ପୋଲିସ ସକ୍ରିୟ ହୋଇଥିଲା। ଆଗକୁ ମଧ୍ୟ ଏଭଳି ଅଭିଯାନ ଜାରି ରହିବ ବୋଲି ରମ୍ଭା ଥାନା ଅଧିକାରୀ କୁମର ମୁଦୁଲି କହିଛନ୍ତି ।

## ବୌଦ୍ଧଜିଲ୍ଲାକୁ ନିଶାମୁକ୍ତ ପାଇଁ ଏସ୍‌ପିଙ୍କ ଗୁରୁତ୍ୱାରୋପ

# ନିଶାଦ୍ରବ୍ୟର ଅବୈଧ କାରବାରରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ଗ୍ରହଣ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ନିଶାମୁକ୍ତ ଭାରତ ଅଭିଯାନ ଏବଂ ନିଶାମୁକ୍ତ ଓଡ଼ିଶା ଗଠନର ଲକ୍ଷ୍ୟକୁ ସାକାର କରିବା ଦିଗରେ ବୌଦ୍ଧ ଜିଲ୍ଲା ପୋଲିସ ପକ୍ଷରୁ ନିଶାଦ୍ରବ୍ୟର ଅବୈଧ କାରବାର, ଚୋରା ଚ଼ାଲାଣ ଓ ବ୍ୟବହାରକୁ ରୋକିବା ସହ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି । ବୌଦ୍ଧ ଜିଲ୍ଲାକୁ ସଂପୂର୍ଣ୍ଣ ଗଞ୍ଜେଇ ମୁକ୍ତ କରିବା ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଜିଲ୍ଲା ପୋଲିସ । ଏଥିପାଇଁ ବୌଦ୍ଧ ପୋଲିସ ଉଭୟ ମନମୁଣ୍ଡା ଓ କଣ୍ଟାମାଳ ଥାନା ଅନ୍ତର୍ଗତ ବିଭିନ୍ନ ଆଭ୍ୟନ୍ତରୀଣ ଜଙ୍ଗଲ ଉପରେ ନଜର ରଖିଛି । ଦୁର୍ଗମ ଅଞ୍ଚଳରେ ଏଭଳି ବେଆଇନ ଗଞ୍ଜେଇ ଚ଼ାଷ ଉପରେ ସିଧାସଳଖ ଡ୍ରୋନ କ୍ୟାମେରା ମାଧ୍ୟମରେ ନଜର ରଖାଯାଉଥିବାବେଳେ ଗଞ୍ଜେଇ ଚ଼ାଷ ସହ ଜଡିତ ପ୍ରତ୍ୟେକ ମାଫିଆଙ୍କୁ ଆଇନର ଜାଲରେ ଛନ୍ଦିବା ପାଇଁ ବୌଦ୍ଧ ପୋଲିସ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି । ଏହି କ୍ରମରେ ଗତକାଲି ଦୁଇ ଜଣ ବ୍ୟକ୍ତି ଏଭଳି ଗଞ୍ଜେ କିଆରୀରେ ପାଣି ଦେଉଥିବା ସମୟରେ ବୌଦ୍ଧ ପୋଲିସ ସେମାନଙ୍କୁ ଗିରଫ କରିଥିବା ଏସ୍‌ପି କୁଲଦୀପ ମୀନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏତଦବ୍ୟତୀତ ଚ଼ଳିତ ବର୍ଷ ଶହେରୁ ଉର୍ଦ୍ଧ୍ୱ ଗଞ୍ଜେଇ ମାମଲା ବୌଦ୍ଧ ଜିଲ୍ଲାର ବିଭିନ୍ନ ଥାନାରେ ପଞ୍ଜିକୃତ ହୋଇଥିବା ବେଳେ ୧୫ ବେଆଇନ ବନ୍ଧୁକ ଜବତ ହୋଇସାରିଥବା ଏସ୍‌ପି ସୂଚ଼ନା ଦେଇଛନ୍ତି । ନିଶାଦ୍ରବ୍ୟର ଅପବ୍ୟବହାର ଯୁବପିଢ଼ିର ଭବିଷ୍ୟତକୁ ନଷ୍ଟ କରିବା ସହ ପରିବାର ଓ ସମାଜ ଉପରେ ଗଭୀର କୁପ୍ରଭାବ ପକାଇଥାଏ। ଏହାକୁ ରୋକିବା ପାଇଁ ପୋଲିସ, ଜିଲ୍ଲା ପ୍ରଶାସନ, ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଓ ସାଧାରଣ ଜନତାଙ୍କ ମିଳିତ ସହଯୋଗ ଅତ୍ୟନ୍ତ ଆବଶ୍ୟକ। ନିଶାଦ୍ରବ୍ୟର ଅବୈଧ କାରବାରରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ଗ୍ରହଣ ସହ ଯୁବପିଢ଼ିଙ୍କୁ ନିଶାର କୁପରିଣାମ ସମ୍ପର୍କରେ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ବୌଦ୍ଧ ଜିଲ୍ଲା ପୋଲିସ ନିଶାଦ୍ରବ୍ୟର ଅବୈଧ କାରବାର ଓ ଚୋରା ଚ଼ାଲାଣକୁ ରୋକିବା ସହ ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ପ୍ରତିବଦ୍ଧ। ଏଥିସହ ନିଶାସକ୍ତ ବ୍ୟକ୍ତିଙ୍କୁ ଘୃଣା ନକରି ସେମାନଙ୍କୁ ନିଶାମୁକ୍ତ ହେବା ପାଇଁ ପ୍ରେରଣା ଓ ଆବଶ୍ୟକ ସହଯୋଗ ଯୋଗାଇଦେବା ଦିଗରେ ସମାଜର ସମସ୍ତ ବର୍ଗର ଲୋକଙ୍କ ସକ୍ରିୟ ଭୂମିକା ଜରୁରୀ। ବୌଦ୍ଧ ଜିଲ୍ଲାର ସମସ୍ତ ଜନସାଧାରଣ, ଯୁବପିଢ଼ି, ଅଭିଭାବକ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଶାମୁକ୍ତ ସମାଜ ଗଠନରେ ସହଯୋଗ କରିବାକୁ ମଧ୍ୟ ଜିଲ୍ଲା ପୋଲିସ ପକ୍ଷରୁ ଅନୁରୋଧ କରାଯାଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପିଙ୍କ ସହ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଲରେନସ୍ ରାଉତରାୟ, ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ ମୁନୀ ଉପସ୍ଥିତ ଥିଲେ। ନିଶାଦ୍ରବ୍ୟର ଅବୈଧ କାରବାର କିମ୍ବା ଚୋରା ଚ଼ାଲାଣ ସମ୍ପର୍କରେ କୌଣସି ସୂଚ଼ନା ମିଳିଲେ ନିକଟସ୍ଥ ପୋଲିସ ଥାନାକୁ ଜଣାଇବା ସହ ନିଶାମୁକ୍ତ ବୌଦ୍ଧ ଗଠନରେ ସହଭାଗୀ ହେବା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜନ ସାଧାରଣଙ୍କୁ ଅନୁରୋଧ କରିଛନ୍ତି।



## ଧର୍ମପରାୟଣ ମହିଳାଙ୍କ ସ୍ମୃତି ସଭା



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୁଳ ପଞ୍ଚାୟତ ଗଇଠିପୁର ଗ୍ରାମର ସ୍ୱର୍ଗତ ମକର ଚରଣ ସାହୁଙ୍କ ଧର୍ମପତ୍ନୀ ଧର୍ମପରାୟଣ ମହିଳା ସ୍ୱର୍ଗତା ସ୍ୱର୍ଣ୍ଣଲତା ସାହୁଙ୍କ ନିଜ ବାସଭବନରେ ରାମାୟଣୀ ପଣ୍ଡିତ ଅଭୟ ଦାଶଙ୍କ ପୌରାହିତ୍ୟରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତା ସାହୁଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବଡ଼ପୁତ୍ର ରବୀନ୍ଦ୍ର କୁମାର ସାହୁ, ରଞ୍ଜନ କୁମାର ସାହୁ, ନରେନ୍ଦ୍ର କୁମାର ସାହୁ, ସୁରେନ୍ଦ୍ର କୁମାର ସାହୁ, ପୁତ୍ରବଧୂ ଇତିଶ୍ରୀ ସାହୁ, ଅଞ୍ଜନା ବାଳା ସାହୁ, କୁନି ଲତା ସାହୁ, ଡଲି ରାଣୀ ପୃଷ୍ଟି, ଝିଅ ବନାଲତା ସାହୁ, ନିବେଦିତା ସାହୁ, ସସ୍ମିତା ସାହୁ, ପ୍ରତାପ ସାହୁ, ଅକ୍ଷୟ ସାହୁ, ନାତୁଣୀ ମାମା, ପୂଜା, ଗୁଡ଼ି, ବେବି, ଖୁସି, ନାତି ଗୁଡୁ, ବବୁଲ, କ୍ରିଷ୍ଣା, ଜିତୁ ନିତୁ, ନିତା, ସୋମାଲିସା, ରିଷି, ସ୍ନେହା, ଓମ ସୋମ, ଅଂଶୁ, ପରି, ଶ୍ରୀଙ୍କ ସମେତ ବନ୍ଧୁ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ। ସ୍ମୃତି ଚାରଣ ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ବିଶେଷ ମାନେ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଦ୍ୱାରା ଅନୁଷ୍ଠିତ ଶିବିର ଅଦାଲତ




**ରାଉରକେଲା , ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଦ୍ୱାରା ସୁନ୍ଦରଗଡ଼ ସଦର ମହକୁମା ଠାରେ ଏକ ଶିବିର ଅଦାଲତ ବା କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଶନର ଅଧକ୍ଷା ଶୋଭନା ମହାନ୍ତି ଏବଂ କମିଶନର ସଭ୍ୟା ପ୍ରତିଭା ଶତପଥୀ ଏବଂ ମୁକ୍ତା ସାହୁ ଉପସ୍ଥିତ ରହି ବିଭିନ୍ନ ମାମଲା ଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ଅଧକ୍ଷା ଶ୍ରୀମତୀ ମହାନ୍ତି ପ୍ରତ୍ୟେକ ମହିଳା ଯେମିତି ଉଚିତ୍ ନ୍ୟାୟ ପାଇବେ ଏବଂ ସମାଜରେ ସମ୍ମାନର ସହ ଜୀବନ ଯାପନ କରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ମହିଳାମାନେ ଯେଭଳି ନିଜର ମୌଳିକ ଅଧିକାର ସମ୍ପର୍କରେ ଅବଗତ ହେବେ ତଥା ସେହି ମୌଳିକ ଅଧିକାରରୁ ଯେମିତି ସେମାନେ ବଞ୍ଚିତ ନ ହେବେ ତାହା ପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ଏବଂ ଏଥି ନିମନ୍ତେ ବ୍ୟାପକ ଜନସେତନତା ଉପରେ ଆଲୋଚନା କରିଥିଲେ। ସେହିଭଳି ସେ ପରିବାରର ସୁସଂସ୍କାର ଏବଂ ଆଧ୍ୟାତ୍ମିକ ଚେତନା ଉପରେ ମଧ୍ୟ ଆଲୋକପାତ କରିଥିଲେ। ପରିବାରର ସୁସଂସ୍କାର ସମାଜରେ ନିର୍ଯାତନାକୁ ହ୍ରାସ କରିବାରେ ବହୁ ମାତ୍ରାରେ ସହାୟକ ହୋଇଥାଏ। ଗୋଟିଏ ପରିବାରରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ସୁସମ୍ପର୍କ, ଉଭୟ ପ୍ରତି ସମ୍ମାନ, ଉତ୍ତମ ବୁଝାମଣା ଦ୍ୱାରା ମଧ୍ୟ ନିର୍ଯାତନା ଘଟି ନଥାଏ ଏବଂ ପାରିବାରିକ ସୁଖ ଶାନ୍ତି ବଜାୟ ରହିଥାଏ। ସେହିଭଳି ଯଦି କୌଣସି ମହିଳା ଟିଏ ନିର୍ଯାତନା ର ଶିକାର ହୋଇ କୌଣସି ଥାନା କୁ ଗଲେ ସେଠାରେ ପୋଲିସମାନେ ତାଙ୍କ ପ୍ରତି ସମବେଦନା ଜଣାଇବା ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହିତ ସେ ଯେଭଳି ଉଚିତ୍ ନ୍ୟାୟ ପାଇବେ ସେଥି ପ୍ରତି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଉପସ୍ଥିତ ପୋଲିସ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିର ଅଦାଲତରେ ମୋଟ ୨୨ ଗୋଟି ମାମଲା ବା କେସ୍ ରହିଥିଲା। ଏଥି ମଧ୍ୟରୁ ୧୯ ଗୋଟି ମାମଲାର ଶୁଣାଣି ହୋଇଥିଲା। ସେହିଭଳି କେବଳ ୪ ଗୋଟି ମାମଲାରେ ଉଭୟ ପକ୍ଷ ଉପସ୍ଥିତ ରହିଥିଲେ ଏବଂ ୧୧ ଗୋଟି ମାମଲାରେ କେବଳ ଅଭିଯୋଗକାରୀ ଉପସ୍ଥିତ ରହିଥିଲେ। ସେହିପରି ୪ ମାମଲାରେ କେବଳ ବିପକ୍ଷ ପକ୍ଷ ମାନେ ଉପସ୍ଥିତ ଥିଲେ। ଏହି ସମସ୍ତ ମାମଲା ଗୁଡ଼ିକ ମଧ୍ୟରେ ୪ ଗୋଟି ମାମଲାର ଆପୋଷ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ କରାଯାଇଥିଲା। ସେହିଭଳି ୪ ଗୋଟି ମାମଲାକୁ ଆରକ୍ଷୀ ଅଧିକ୍ଷକଙ୍କୁ ଏବଂ ଗୋଟିଏ ମାମଲାକୁ ଜିଲ୍ଲା ଆଇନ ସେବା ପ୍ରାଧୀକରଣ କୁ ପ୍ରେରଣ କରାଯାଇଥିଲା। ସେହିଭଳି ୯ ଗୋଟି ମାମଲାକୁ ପୁର୍ନବାର ଉପସ୍ଥିତ ହେବାକୁ ନୋଟିସ ପ୍ରଦାନ କରାଯାଇଥିଲା ଏବଂ ଅନ୍ୟାନ୍ୟ କାରଣବଶତଃ ଗୋଟିଏ ମାମଲାକୁ ଖାରଜ କରାଯାଇଥିଲା। ଏହି ଅବସରରେ ଆଜି ଗୋଟିଏ ନୂତନ ମାମଲା ମଧ୍ୟ ପ୍ରାପ୍ତ ହୋଇଥିଲା। ଆଜିର ଏହି ଶିବିର ଅଦାଲତ ରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଡି ଏସ ପି ଅମୃତା ନନ୍ଦିନୀ ମହାନ୍ତି, ସଦର ଏସ ଡି ପି ଓ ନିର୍ମଳ ମହାପାତ୍ର, ସୁରକ୍ଷା ଅଧିକାରୀ ସୁଷମା ମିଶ୍ର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ହୋପ୍ସ ଟ୍ରଷ୍ଟ ପକ୍ଷରୁ ଆନନ୍ଦ ଭୋଜନ କାର୍ଯ୍ୟକ୍ରମ



**ବାରିପଦା , ନ୍ୟୁଜ୍ ବ୍ୟୁରୋ**

ସେବା ଓ ସହାନୁଭୂତିକୁ ପାଥେୟ କରି ଅସୁବିଧାରେ ଥିବା ଲୋକଙ୍କୁ ସହାୟତା ଓ ଆଶ୍ୱାସନା ଦେବାର ମହତ ଉଦ୍ଦେଶ୍ୟ ନେଇ ହୋପ୍ସ ଟ୍ରଷ୍ଟ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାରିପଦାଙ୍କଠାରେ ଆନନ୍ଦ ଭୋଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ରୋଗୀଙ୍କ ସହଚର ଓ ପରିବାର ସଦସ୍ୟଙ୍କ ସମେତ ପାଞ୍ଚଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ନିଃଶୁଳ୍କ ଭୋଜନ ପ୍ରଦାନ କରାଯାଇଥିଲା। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭକରି ରୋଗୀଙ୍କ ସହିତ ସେମାନଙ୍କ ପରିବାର ଓ ସହଚରମାନଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେବା ଏକ ଉତ୍ତମ ସାମାଜିକ ପଦକ୍ଷେପ, ଯାହା ସମାଜରେ ସେବା ଓ ମାନବିକତାର ଭାବନାକୁ ସୁଦୃଢ଼ କରିବ ବୋଲି କହିଥିଲେ. ଅନ୍ୟ ମାନଙ୍କ ମଧ୍ୟରେ ରେଡକ୍ରସର ଆଜୀବନ ସଦସ୍ୟ ଅମର କୁମାର ସେଠୀ, ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ଏହି କାର୍ଯ୍ୟକ୍ରମକୁ ଏକ ଅନୁକରଣୀୟ ସାମାଜିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ। ହୋପ୍ସ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଜୟଶ୍ରୀ ଜେନା ରୋଗୀଙ୍କ ସହ ରହୁଥିବା ପରିବାର ସଦସ୍ୟ ଓ ସହଚରମାନେ ଅନେକ ସମୟରେ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତାକୁ ନେଇ ଅସୁବିଧାରେ ପଡ଼ିଥାନ୍ତି। ସେମାନଙ୍କ ଅସୁବିଧା ଲାଘବ କରିବା, ଦୁଃସମୟରେ ଖୁସି ବାଣ୍ଟିବା ଓ ଆଶ୍ୱାସନା ଦେବା ହେଉଛି 'ଆନନ୍ଦ ଭୋଜନ'ର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ। ହୋପ୍ସ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ଜେନାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ ସୁବ୍ରତ ଜେନା, ଦୀପଙ୍କର ପରିଡ଼ାଙ୍କ ସମେତ ଇନ୍ଦିରା ପ୍ରିୟଦର୍ଶିନୀ, ସୁଦୀପ ପାତ୍ର, ଆଦିତ୍ୟ ଦେ, ଶିବଶଙ୍କର ଶର୍ମା, ବ୍ରଜ ସୁନ୍ଦର ପାଠୀ, ହିମାଂଶୁ ମାଇତି ଓ ସମୀର ଦିଗାର ପ୍ରମୁଖ ସହଯୋଗ କରିଥିଲେ।

## ତାଳପଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ ତାଳପଡା କ୍ଲଷ୍ଟର ଅନ୍ତର୍ଗତ ତାଳପଡା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସର୍ବେଶ୍ୱର ମହାପାତ୍ରଙ୍କ ସଭାପତିତ୍ୱରେ କ୍ଲଷ୍ଟର ସ୍ତରୀୟ ସୁରଭି-୨୦୨୬ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସିଆରସିସି ଅନାଥ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ଘାସି ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ନାୟକ ସ୍ୱତନ୍ତ୍ର ଅତିଥି, ଯୁବ ସାହିତ୍ୟିକ ତଥା କନକା କ୍ଲଷ୍ଟର ସି ଆର ସି ସି ଡକ୍ଟର ଦ୍ୱାରିକାନାଥ ମହାରଣା ମୁଖ୍ୟ ବକ୍ତା, ତାଳପଡା ସରପଞ୍ଚ ମନୋଜ କୁମାର ସେଠୀ, ଶିକ୍ଷକ ସୁଶାନ୍ତ କୁମାର ବେହେରା, ନକୁଳ ବେହେରା, ସିଦ୍ଧାର୍ଥ ଖୁଣ୍ଟିଆ, ଦୀନବନ୍ଧୁ ସ୍ୱାଇଁ, ନବ କୁମାର ପରିଡା, ସନ୍ତୋଷ କୁମାର ସେଠୀ, ରବିନାରାୟଣ ମୁଦୁଲି, କିଶୋର ଚନ୍ଦ୍ର ସାହୁ, ତ୍ରିଲୋଚନ ପଟ୍ଟନାୟକ, ଦେବଦତ୍ତ ସାହୁ, ଶିକ୍ଷୟିତ୍ରୀ କବିତା ବାରିକ, ପୂଜାରାଣୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଠନରତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଶିଶୁ ମହୋତ୍ସବ ସୁରଭି -୨୦୨୬ କାର୍ଯ୍ୟକ୍ରମର ସଫଳତା କାମନା ସହ ଶୁଭେଚ୍ଛା ଶୁଭ ଅଭିନନ୍ଦନ ଜଣାଇଥିଲେ। ବକ୍ତୃତା, ତର୍କ, ଅଭିନୟ, ସଙ୍ଗୀତ, ଚିତ୍ରକଳା, ପି ଏମ୍ ପୋଷଣ ଶିଳ୍ପ କଳା, ଦଳଗତ ନୃତ୍ୟ, ପ୍ରବନ୍ଧ, ସୃଜନଶୀଳ ଲିଖନ ଆଦି ପ୍ରତିଯୋଗିତା ଆୟୋଜନ ଫଳରେ ଛାତ୍ରଛାତ୍ରୀମାନେ କିପରି ଉପକୃତ ହେବା ସହିତ ସେମାନଙ୍କ ପ୍ରତିଭାର ଉପଯୁକ୍ତ ବିକାଶ ହୋଇଥାଏ, ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସୁରଭି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ସିଲ୍ ମାନପତ୍ର ସହିତ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ବରିଷ୍ଠ ଶିକ୍ଷକ ସୌମ୍ୟରଞ୍ଜନ ମିଶ୍ର। ତାଳପଡା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସୁରଭି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିପର୍ଯ୍ୟୟ ସମୟରେ ସତର୍କତା ଅବଲମ୍ବନ ଉପରେ ଗୁରୁତ୍ୱ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**




କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପର ଓ କ୍ରୀଡା ମନ୍ତ୍ରାଳୟ ମେରା ଯୁବ ଭାରତ ଓ ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନର ମିଳିତଆନୁକୂଲ୍ୟରେ ଆନ୍ତର୍ଯ୍ୟାତିୟ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ପାଳିତ ହୋଇଯାଇଛି। ଗଞ୍ଜାମ ସହର ସ୍ଥିତ ଯଶୋଦା ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା, ଓଡିଶା ସାମ୍ବାଦିକ ସଙ୍ଘର ରାଜ୍ୟ ମହିଳା ଆବାହିକା ତଥା ଆଶା ଇକବାଲ ଜାତୀୟ ପୁରସ୍କାର ପ୍ରାପ୍ତ ସୁଶ୍ରୀ ବିଜୟ ଲକ୍ଷ୍ମୀ ମହାକୁଡ଼ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ହୋଇଥିଲା। ଓଡିଶା ସାମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଛତ୍ରପୁର ଓ ଏସ ଏ ପି ଅଷ୍ଟମ ବାଟାଲିୟନର ଡେପୁଟି କମାଣ୍ଡେଣ୍ଟ ଯଶୋବନ୍ତ ସେଠି ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିଖ୍ୟାନୁଷ୍ଠାନର ମୁଖ୍ୟ ପରିଚାଳକ ତଥା ବିଶିଷ୍ଟ ସମାଜସେବୀ ମଙ୍ଗରାଜ ପଣ୍ଡା, ସମ୍ମାନିତ ଅତିଥି ଯଶୋଦା ମହାବିଦ୍ୟାଳୟ ର ଅଧକ୍ଷ ଆକାଶ ସାହୁ ପ୍ରମୁଖ ମଞ୍ଚାସିନ ହେବା ସହ ବିପର୍ଯ୍ୟୟ ସମୟରେ ସତର୍କତା ଅବଲମ୍ବନ କରି କିପରି ବିପଦ କୁ ଏଡାଇ ଦିଆଯାଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଟାଲିୟନର ଇନିସ୍କେକ୍ଟର ପ୍ରଦୀପ କୁମାର ଦଣ୍ଡପାଟ, ହାବିଲଦାର ନିର୍ମଳ ଚନ୍ଦ୍ର ବେହେରା, ସିପାହୀ ପ୍ରଣୟ କୁମାର ଜେନା, ବିକାଶ ଭଦ୍ର ପାତ୍ର, ସାଲବେଗ ଜାନି, ବି. ଭିକି ରେଡି, ଗାଲବ ବିଶୋଇ, ସୂର୍ଯ୍ୟମଣି ଡାଙ୍ଗୁଆ, ସୁକାନ୍ତ ପଲାଇ, ଆର. ପ୍ରଫୁଲ ରେଡି, କେ. ଦେବରାଜ ରେଡି ପ୍ରମୁଖ ଓଡ୍ରାଫ ଟିମ ଯୋଗଦେଇ ବିଭିନ୍ନ କୌଶଳ ପ୍ରଦର୍ଶନ ପୂର୍ବକ ପିପର୍ଯ୍ୟୟ ସମୟରେ କିପରି ସୁରକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ବିପର୍ଯ୍ୟୟ କୁନେଇ ଶିଖ୍ୟାନୁଷ୍ଠାନର ଛାତ୍ରୀ ମାନଙ୍କ ମାଧ୍ୟମରେ ଆୟୋଜିତ ବକ୍ତୃତା ଓ ଲିଖନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସଦସ୍ୟ ରାଧା ରମଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ୍ରାଫ ପକ୍ଷରୁ ବିପର୍ଯ୍ୟୟ ସୁରକ୍ଷା ସାମଗ୍ରି ପ୍ରଦର୍ଶନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିଖ୍ୟାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ସମସ୍ତ ଛାତ୍ରୀ ମାନେ ଉପସ୍ଥିତ ରହିଥିଲେ।

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହେଲା 'ସୁରଭି'

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବାଦପଲୀ ପଞ୍ଚାୟତର ଛକସିଂ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୬ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପ୍ତାପଡା କ୍ଲଷ୍ଟର ସିଆରସିସି ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସଂଯୋଜନରେ ଅୟୋଜିତ କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ସୁବୁଦ୍ଧି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେର ଏ ବି ଇ ଓ କିଶୋର ଚନ୍ଦ୍ର ଘାସି,ସାମ୍ବାଦିକ ତଥା ସମାଜସେବୀ ଅଶୋକ କୁମାର ତ୍ରିପାଠୀ, ସି ଆର ସି ସି ଲିପନ ପଣ୍ଡା, ସି ଆର ସି ସି ପ୍ରମୋଦ ପ୍ରଧାନ, ସି ଆର ସି ସି ପ୍ରକାଶ ଚନ୍ଦ୍ର ସେଠି,ଅବସରପ୍ରାପ୍ତ ଶିକ୍ଷକ ଦନାର୍ଦ୍ଦନ ପଣ୍ଡା,ଶିକ୍ଷକ ଦେବନ୍ଦ୍ର ମହାରଣା ,ଧୁସାଶନ ସାହୁ ଓ ଶଶିଭୂଷଣ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଛକସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମନ୍ତ କୁମାର ସୁବୁଦ୍ଧି ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସଭାପତି ଭିକେ ଶବର ସଭାପତିତ୍ୱ କରିଥିଲେ। କ୍ଲଷ୍ଟରର ୧୧ ଗୋଟି ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବକ୍ତୃତା, ପ୍ରବନ୍ଧ,ସୁନ୍ଦର ହସ୍ତାକ୍ଷର,ବିତର୍କ,ସୃଜନାତ୍ମକ ଲିଖନ,କୁଇଜ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ପ୍ରତଯୋଗିତା କରାଯାଇଥିଲା। ପରିଶେଷରେ କୃତି ପ୍ରତିଯୋଗି ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଗାୟତ୍ରୀ ପ୍ରଜ୍ଞା ପୀଠରେ ନବରାତ୍ର ପୂଜା ଉଦ୍‌ଯାପିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନପଙ୍କସ୍ଥିତ ଗାୟତ୍ରୀ ପ୍ରଜ୍ଞା ପୀଠରେ ଗାୟତ୍ରୀ ପରିବାର ପକ୍ଷରୁ ଚାଲିଥିବା ନବରାତ୍ର ପୂଜା ଓ ହୋମଯଜ୍ଞ ଧାର୍ମିକ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ନଅ ଦିନ ଧରି ଚାଲିଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରତ୍ୟହ ହୋମଯଜ୍ଞ ସହ ଗାୟତ୍ରୀ ମନ୍ତ୍ର ଜପ କରାଯାଉଥିଲା। ଯଜ୍ଞରେ ନାରାୟଣ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ପ୍ରିୟଙ୍କା ସାହୁ ଏବଂ ସନ୍ତୋଷ ବେହେରା ଓ ତାଙ୍କ ଧର୍ମପତ୍ନୀ ବାସନ୍ତୀ ବେହେରା ଯଜ୍ଞକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ରୋହିତ ପଣ୍ଡା ବ୍ୟାସ ଭାବେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।ଏହି ଅବସରରେ ଗାୟତ୍ରୀ ପରିବାରର ବରିଷ୍ଠ ସଭ୍ୟ ନବୀନ ପ୍ରଧାନ, ଚିରଞ୍ଜୀବୀ ପଟ୍ଟନାୟକ, ପରମାନନ୍ଦ ସାହୁ, ସନ୍ତୋଷ ବେହେରା, ଦେବନାରାୟଣ ପ୍ରଧାନ ଓ ବଶିଷ୍ଠ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ଗାୟତ୍ରୀ ପରିବାରର ଶତାଧିକ ଭକ୍ତ ଉପସ୍ଥିତ ରହି ସାମୂହିକ ପ୍ରସାଦ ସେବନ କରିଥିଲେ।



## ଦେବୀଙ୍କ ନବରାତ୍ର ପୂଜା ପୁସ୍ତକ ଲୋକାର୍ପଣ ଉତ୍ସବ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଶ୍ରୀଦୁର୍ଗା ମନ୍ଦିର, ବୀରମହାରାଜପୁର ଠାରେ ଦୁର୍ଗା ଦେବୀଙ୍କ ନବରାତ୍ର ପୂଜା ମହା ସମାରୋହରେ ହୋଇଯାଇଛି । ଏହି ପାର୍ବଣ ମୁହୂର୍ତ୍ତରେ ମନ୍ଦିର ପରିସରରେ ଡ. ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ରଚିତ 'ଦେବୀଙ୍କ ନବରାତ୍ର ପୂଜା' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏହି ପୁସ୍ତକରେ ଦେବୀଙ୍କ ଦିବ୍ୟ ସ୍ୱରୂପ ବର୍ଣ୍ଣନା ପ୍ରାଞ୍ଜଳ ଭାବରେ ରହିଛି। ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ଆଧ୍ୟାତ୍ମିକ ସଭାରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ, ବରିଷ୍ଠ ନାଗରିକ ସଂଗଠନର ପୂର୍ବତନ ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥ, ସଭାପତି ଦୟାନିଧି ହୋତା, ସଦସ୍ୟ ଜ୍ଞାନେନ୍ଦ୍ର ତ୍ରିପାଠୀ, ଦୁର୍ଗା ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ଦାଶ, ପରିଚାଳନା କମିଟି ସଦସ୍ୟ ଭାଗିରଥି ମେଣ୍ଡିଲି,ଶ୍ରୀନିବାସ ରଥ,ଶିବ ଅଗ୍ରୱାଲା, ସୋମନାଥ ମିଶ୍ର, ରାମ ମେହେର, ଲେଖକ ଡ.ଦ୍ୱିତୀକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ଉନ୍ମୋଚନ କରିବା ସହିତ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଆଜି ମନ୍ଦିରରେ ସୁନ୍ଦରକାଣ୍ଡର ମଧ୍ୟ ଆୟୋଜନ ହୋଇଥିଲା। ଏଣୁ ବିପୁଳ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।

# ଆସ୍ଥା ଓ ଆଦିବାସୀ ସଂସ୍କୃତିର ଅନନ୍ୟ ସମାଗମରେ ମା' ସିଂହାସନୀଙ୍କ ବଳିଯାତ୍ରା ସମ୍ପନ୍ନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ଆସ୍ଥା ଓ ଆଦିବାସୀ ସଂସ୍କୃତିର ଅନନ୍ୟ ସମାଗମ। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ଅନ୍ତର୍ଗତ ବରପଦର ଗ୍ରାମରେ ବିରାଜିତା ଦେବୀ ମା ସିଂହାସନୀଙ୍କ ପ୍ରସିଦ୍ଧ ବଳିଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା ସମେତ ପଡ଼ୋଶୀ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆଦିବାସୀ ଶ୍ରଦ୍ଧାଳୁଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠିଥିଲା ଦେବୀପୀଠ। ଦେବୀଙ୍କ ପୀଠରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଗତ ତିନିଦିନ ଧରି ଆଖପାଖ ଗ୍ରାମଗୁଡ଼ିକରେ ପରିକ୍ରମା କରାଯାଇଥିବା ବଳି ପାଇଁ ଉଦ୍ଦିଷ୍ଟ ପୋଡ଼କୁବରପଦର ଗ୍ରାମରେ ଘରକୁ ଘର ପରିକ୍ରମା କରାଯାଇ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଦେବୀପୀଠରେ ମାର୍ଜନା ବିଧି ସମ୍ପନ୍ନ ହେବା ପରେ ହଜାର ହଜାର ଭକ୍ତଙ୍କ ଶୋଭାଯାତ୍ରାରେ ପୋଡ଼କୁ ଡଙ୍ଗର ଉପରେ ଥିବା ଦେବୀଙ୍କ ବଳିପୀଠକୁ ନିଆଯାଇଥିଲା।ଏହି ଅବସରରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ତଥା ବରିଷ୍ଠ ଆଦିବାସୀ ନେତା ଡମ୍ବରୁଧର କହଁର, ଜିଲ୍ଲା କଂଗ୍ରେସ କମିଟି ସଭାପତି ଅବଦୁଲକଲିମ ଖାଁ, ଗୁନ୍ଦୁଳିଆ ସରପଞ୍ଚ ଧବଳେଶ୍ୱର ସିଂ, ଆମ୍ବଝରୀ ସରପଞ୍ଚ ପ୍ରେମାନନ୍ଦ ବାଘଙ୍କ ସମେତ ବହୁ ଜନପ୍ରତିନିଧି ଓ ସ୍ଥାନୀୟ ନେତୃବର୍ଗ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ। ଅନ୍ୟପକ୍ଷରେ, ଯାତ୍ରାକୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ସ୍ଥିତ ସ୍ୱେଚ୍ଛାସେବୀ ସଂସ୍ଥା କାର୍ଡ ପକ୍ଷରୁ ମାଗଣା ଅନ୍ନପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ସଂସ୍ଥାର ସମ୍ପାଦକ ଧର୍ମୁଧରପୋଡ଼ଙ୍କ ନେତୃତ୍ୱରେ ଏହି ସେବାକାର୍ଯ୍ୟ ଶ୍ରଦ୍ଧାଳୁଙ୍କ ପାଇଁ ସହାୟକ ହୋଇଥିଲା।ଏହା ଅଞ୍ଚଳର ଆଦିବାସୀ ପରମ୍ପରା, ଲୋକବିଶ୍ୱାସ ଓ ସାମୂହିକ ଏକତାର ଏକ ଅନନ୍ୟ ପ୍ରତୀକ ଭାବେ ପୁଣିଥରେ ନିଜର ସ୍ୱତନ୍ତ୍ର ପରିଚୟ ପ୍ରମାଣିତ କରିଛି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଅକ୍ଟୋବର, ୨୦୨୬ ସୋମବାର





## ଯାଜପୁର ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ଉଦ୍‌ଯାପିତ

# ଶିଶୁ ଯତ୍ନରେ ରହୁଥିବା ପିଲାଙ୍କର ଅତୀତ ସେମାନଙ୍କ ଭବିଷ୍ୟତର ସଫଳତାକୁ ରୋକିପରିବ ନାହିଁ




**ଯାଜପୁର, ନ୍ୟୁଜ ବ୍ୟୁରୋ**
ଯାଜପୁର ଇଣ୍ଡୋର ଷ୍ଟାଡିଅମ ପରିସରରେ ଜିଲ୍ଲାରେ ପରିଚାଳିତ ୫ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନର ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ବାର୍ଷିକ ପ୍ରତିଭା ଚୟନ ପ୍ରତିଯୋଗୀତା ଉଦଯାପିତ ହୋଇଯାଇଛି। ଅଧ୍ୟାପକ ଦାମୋଦର ବେହେରାଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଅତିଥି ପରିଚୟ ପ୍ରଦାନ ସହ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ -୨୦୨୬ର ଉଦେଶ୍ୟ ଉପସ୍ଥାପନ କରିଥିଲେ। ଦୁଇଦିନ ଧରି ଚାଲିଥିବା ଉକ୍ତ କାର୍ଯ୍ୟକ୍ରମର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଯାଜପୁରର ସାଂସଦ ଡ଼. ରବିନ୍ଦ୍ର ନାରାୟଣ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ଆଜିର ପିଲାମାନେ ଆସନ୍ତାକାଲିର ରାଷ୍ଟ୍ର ନିର୍ମାତା, ପିଲାମାନେ ଦେଶପାଇଁ ବିଶେଷ ଅମୁଲ୍ୟ ସମ୍ପଦ। ପିଲାମାନେ କେବେ ହେଲେ ନିଜକୁ ଏକା ଭାବିବେ ନାହିଁ, ସବୁବେଳେ ଆମେ, ସରକାର ଓ ନାଗରିକ ସମାଜ ସେମାନଙ୍କ ସହ ସବୁ ସମୟରେ ଅଛନ୍ତି। ସୁଖପ୍ରଦ ଶୈଶବ ସବୁ ପିଲାଙ୍କ ଅଧିକାର, ପରିବାର ପ୍ରତ୍ୟେକ ପିଲାପାଇଁ ସୁରକ୍ଷାର ବଳୟ. ଅନୁଷ୍ଠାନରେ ଥଇଥାନ ହୋଇଥିବା ତଥା ଯତ୍ନ ଓ ସୁରକ୍ଷା ଲୋଡୁଥିବା ପିଲାଙ୍କ ବିକାଶ ଦାୟିତ୍ୱ ସରକାର ନେଇଛନ୍ତି। ସୁରକ୍ଷା ବଳୟ ବାହାରେ ତଥା ଅସୁବିଧାଜନକ ସ୍ଥିତି ରେ ଜୀବନ ଅତିବାହିତ ଶିଶୁ ମାନଙ୍କୁ ଆବଶ୍ୟକ ଥଇଥାନ କରାଯାଇ ସେମାନଙ୍କ ସାମଗ୍ରିକ ବିକାଶ ପାଇଁ ସବୁ ସ୍ତରରେ ଉଦ୍ୟମ ଜାରିରହିବ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି, ଯାଜପୁରର ଅଧକ୍ଷ ଦିବ୍ୟ ଭୂଷଣ ମହାନ୍ତି କହିଛନ୍ତି ଯେ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ପିଲାମାନଙ୍କର ଅତୀତ ସେମାନଙ୍କ ଭବିଷ୍ୟତର ସଫଳତାକୁ ରୋକିପରିବ ନାହିଁ। ସେମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭା ର ବିକାଶପାଇଁ ସମ୍ପୃକ୍ତ ଅନୁଷ୍ଠାନ ର କର୍ମକର୍ତ୍ତା ବିଶେଷ ଯତ୍ନବାନ ହେବା ଆବଶ୍ୟକ। ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ଯୋଗ ଦେଇ ଥିଲେ। ପ୍ରଥମ ଦିନର ଉତ୍ସାହ କାର୍ଯ୍ୟକ୍ରମରେ ୬୪ ଜଣ ଅନ୍ତେବାସୀ ଓ ଦ୍ୱିତୀୟ ମହକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ୭୩ ଜଣ ଭଗନେଇଥିଲେ।ବିଭିନ୍ନ ପ୍ରତିଯୋଗିତାରେ ମୋଟ ୨୬ ଜଣ ପ୍ରଥମ ଶ୍ରେଣୀ ରେ ବିଜେତା ଘୋଷଣା କରାଯାଇଥଲା।ମୁଖ୍ୟ ଅତିଥି ସାଂସଦ, ଡ଼.ରବିନ୍ଦ୍ର ନାରାୟଣ ବେହେରା ଓ ବିଧାୟିକା,ଯାଜପୁର ଶ୍ରୀମତୀ ସୁଜାତା ସାହୁ କୃତି ପ୍ରତିଯୋଗୀ ମାନଙ୍କୁ .ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଦୁଇ ଦିନର କରାଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଅଧିକାରୀ, ତପନ କୁମାର ପାତ୍ର, ରୋଜାଲିନ ପଣ୍ଡା, ଅର୍ଚନା ସାମନ୍ତ, ପଦ୍ମ ଚରଣ ସାମନ୍ତରାୟ, ରବିନ୍ଦ୍ରନାଥ ସେଠୀ ,କାଳୀ ପ୍ରସାଦ ସାହୁ, ମିହିର କୁମାର ଜେନା, ଶିଶିର କୁମାର ମଲ୍ଲିକ ଓ ଚାଇଲଡ ହେଲ୍ପ ଲାଇନ ର ସଂଯୋଜକ ବରେନ୍ଦ୍ର କୃଷ୍ଣ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ କାଳିପ୍ରସାଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ସମ୍ଭାବ୍ୟବାତ୍ୟା : ପୂଜା ପାଇଁ ନିର୍ମିତ ଗେଟ୍ ଓ ହୋର୍ଡିଂ ହଟାଇବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**
ବଙ୍ଗୋପସାଗରରେ ସମ୍ଭାବ୍ୟ ଭୀଷଣ ବାତ୍ୟା ଏବଂ ଏହାର ପ୍ରଭାବରେ ଆସନ୍ତା ୨୭ ଓ ୨୮ ଅକ୍ଟୋବରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ତୀବ୍ର ବେଗରେ ପବନ ବହିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ, ଜିଲ୍ଲାର ସମସ୍ତ ପୌରାଞ୍ଚଳ ଓ ଅନ୍ୟାନ୍ୟ ସହରାଞ୍ଚଳରେ ଥିବା ପୂଜା ମଣ୍ଡପ, ଅସ୍ଥାୟୀ ତୋରଣ, ସାଜସଜ୍ଜା ଗେଟ୍, ଫ୍ଲେକ୍ସ ବ୍ୟାନର, ହୋର୍ଡିଂ ଏବଂ ଅନ୍ୟାନ୍ୟ ଅସୁରକ୍ଷିତ ଅସ୍ଥାୟୀ ସଂରଚନା ଗୁଡ଼ିକୁ ନିର୍ଦ୍ଦେଶ ଜାରି ହେବାର ୪୮ ଘଣ୍ଟା ମଧ୍ୟରେ ସ୍ୱେଚ୍ଛାକୃତ ଭାବେ ହଟାଇବାକୁ ଜିଲ୍ଲାପାଳ ରଘୁରାମ୍.ଆର୍.ଆୟାର୍ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ର ଅଧକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ପୂଜା କମିଟି, ଆୟୋଜକ, ବ୍ୟବସାୟିକ ପ୍ରତିଷ୍ଠାନ ଓ ବ୍ୟକ୍ତିବିଶେଷ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ସମସ୍ତ ଅସୁରକ୍ଷିତ ସଂରଚନା ହଟାଇବାକୁ ଅନୁରୋଧ କରାଯାଇଛି। ନିର୍ଦ୍ଧାରିତ ୪୮ ଘଣ୍ଟା ଅବଧି ଶେଷ ହେବା ପରେ ଅବଶିଷ୍ଟ ଅସୁରକ୍ଷିତ ଓନିୟମ ଅନୁପାଳନ କରୁନଥିବା ସଂରଚନାଗୁଡ଼ିକୁ ହଟାଇବା ପାଇଁ କେନ୍ଦ୍ରାପଡ଼ା ଏବଂ ପଟ୍ଟାମୁଣ୍ଡାଇ ପୌରପାଳିକାର ନିର୍ବାହୀ ଅଧିକାରୀମାନଙ୍କୁ ନିଜ ନିଜ ଅଞ୍ଚଳରେ ଆବଶ୍ୟକ ଉଚ୍ଛେଦ ଓ ସଫେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କ୍ଷମତା ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳରେ ସମ୍ପୃକ୍ତ ତହସିଲଦାରମାନେ ଅନ୍ୟ ବିଭାଗର ସମନ୍ୱୟରେ ଏହି ପଦକ୍ଷେପ ଗ୍ରହଣ କରିବେ। ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ଏବଂ ସମ୍ଭାବ୍ୟ ବାତ୍ୟାଜନିତ କ୍ଷୟକ୍ଷତିକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଏହି ପଦକ୍ଷେପ ଗ୍ରହଣ କରିଛି। ତେଣୁ ସମସ୍ତ ସମ୍ପୃକ୍ତ କମିଟି, ସଂସ୍ଥା ଓ ଜନସାଧାରଣଙ୍କୁ ପ୍ରଶାସନର ନିର୍ଦ୍ଦେଶ ପାଳନ କରିବା ସହ ସହଯୋଗ କରିବାକୁ ଅନୁରୋଧ କରାଯାଉଛି।

## ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ

# ୩ରେ ନୂଆଁଖାଇ ଭେଟଘାଟ ପାଇଁ ଚୂଡାନ୍ତ ପ୍ରସ୍ତୁତି

**ବରଗଡ, ନ୍ୟୁଜ ବ୍ୟୁରୋ**
ଗୁରୁ ଭଗବାନ ସାହୁ ସ୍ମୃତିରେ ଆସନ୍ତା ୩ ତାରିଖ ଯଦୁମଣି ପ୍ରଧାନ ଅଡିଟୋରିୟମ ଠାରେ ହେବାକୁ ଥିବା ନୂଆଁଖାଇ ଭେଟଘାଟ ପାଇଁ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟିର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଏ. ଇ. ମିସନ ସ୍କୁଲ ଠାରେ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦଧିବାବନ ଶତପଥିଙ୍କ ସଭାପତିତ୍ୱରେ ସର୍ଦ୍ଦାର ପ୍ରିତମ ସିଂଙ୍କ ସଂଯୋଜନାରେ ସମ୍ପାଦକ ତୁଳସୀ ଚରଣ ଦାଶ ପୂର୍ବ ନିଷ୍ପତ୍ତି ଉପରେ ଆଲୋକପାତ କରିଥିଲେ। ଯୁଗଳ ପ୍ରସାଦ ସିଂ, ପ୍ରଦୀପ ଦେବତା ସଫଳତା ପାଇଁ ଦାୟୀତ୍ୱ ବଣ୍ଟନ ସହିତ ଗଠନ ମୂଳକ ପ୍ରସ୍ତାବ ଦେଇଥିଲେ। ଅଚ୍ୟୁତାନନ୍ଦ ବାରିକ, ଡ଼ ଯଶବୀର ସିଂ ସୈନୀ, ବିମଳ କୃଷ୍ଣ ମିଶ୍ର, ଶିବାନନ୍ଦ ମଟାରୀ, ଜୟଶ୍ରୀ ପଣ୍ଡା, ସାରଥି ମେହେର, ଜଟାଧାରୀ ପ୍ରଧାନ ପ୍ରମୁଖ ଯୋଗଦାନ କରି ସଫଳ ଆୟୋଜନ ପାଇଁ ସୁଚିନ୍ତିତ ମତାମତ ଦେଇ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ବରିଷ୍ଠ ସଦସ୍ୟ ଉଦ୍ଧବ ଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



# ଡ୍ରୋନ୍ ସହାୟତାରେ ୩୭.୧୬ ଏକର ଗଞ୍ଜେଇ ଚାଷ ଜମି ନଷ୍ଟ

## ବୌଦ୍ଧରେ ୩୭,୮୦୩ଟି ଗଞ୍ଜେଇ ଗଛ ନଷ୍ଟ : ୨ ଗିରଫ



**ବୌଦ୍ଧ, ନ୍ୟୁଜ ବ୍ୟୁରୋ**
ବୌଦ୍ଧ ଜିଲ୍ଲାରେ ବେଆଇନ ଗଞ୍ଜେ ଚାଷ ବିରୋଧରେ ପୋଲିସ ପକ୍ଷରୁ ବଡ଼ଧରଣର ଅଭିଯାନ କରାଯାଇଛି। ବୌଦ୍ଧ ଥାନା ଅନ୍ତର୍ଗତ ଅମ୍ବାଝରୀ ଓ ସୁନାଝରୀ ଗ୍ରାମ ଅଞ୍ଚଳରେ ଚଢ଼ାଉ କରି ପ୍ରାୟ ୩୭.୧୬ ଏକର ସରକାରୀ ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ଏହି ଅଭିଯାନରେ ମୋଟ ୩୭,୮୦୩ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବାବେଳେ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସୂଚ୍‌ନା ଅନୁଯାୟୀ, ଗତ ୨୨ ତାରିଖ ଭୋର ସମୟରେ ଉପ-ନିରୀକ୍ଷକ ଏନ୍. ମହାପାତ୍ରଙ୍କ ନେତୃତ୍ୱରେ ବୌଦ୍ଧ ଥାନା ପୋଲିସର ଏକ ଟିମ୍ ଏହି ଚଢ଼ଉ କରିଥିଲା। ଏଥିରେ ପୋଲିସ କର୍ମଚାରୀଙ୍କ ସହ ଅବକାରୀ ଓ ବନ ବିଭାଗ କର୍ମଚାରୀ, ଶ୍ରମିକ, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଏବଂ ରାଜସ୍ୱ ନିରୀକ୍ଷକ ସାମିଲ ହୋଇଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ଆମ୍ବଝରୀ ଓ ସୁନାଝରୀ ମୌଜାର ସରକାରୀ ଜମି ଚିହ୍ନଟ କରାଯିବା ପରେ ସେଠାରେ ବେଆଇନ ଭାବେ ଚାଷ ହୋଇଥିବା ଗଞ୍ଜେଇ ଗଛଗୁଡ଼ିକୁ କାଟି ଓ ଉପାଡ଼ି ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟା ଅନୁସାରେ ପୋଡ଼ି ନଷ୍ଟ କରାଯାଇଥିଲା। ଚାଷର ପରିମାଣ ଚିହ୍ନଟ ଓ ନିରୀକ୍ଷଣ ପାଇଁ ଡ୍ରୋନର ସହାୟତା ମଧ୍ୟ ନିଆଯାଇଥିଲା। ଅଭିଯାନ ସମୟରେ ଗଞ୍ଜେ କ୍ଷେତରେ ଗଛଗୁଡ଼ିକୁ ପାଣି ଦେବା ଓ ସାର ପ୍ରୟୋଗ କରୁଥିବା ଅଭିଯୋଗରେ ଆମ୍ବଝରୀ ଗ୍ରାମର ଭୀମସେନ କର୍ମି (୩୩) ଓ ଜିତେନ୍ଦ୍ର ବସ୍ତିଆ (୩୦)ଙ୍କୁ ପୋଲିସ ଧରିଥିଲା। ତଦନ୍ତ ଓ ପ୍ରାଥମିକ ପ୍ରମାଣ ଆଧାରରେ ଉଭୟଙ୍କୁ ଗିରଫ କରାଯାଇ ଅଦାଲତରେ ହାଜର କରାଯାଇଛି। ଘଟଣାସ୍ଥଳରୁ ଗଞ୍ଜେ ଗଛ ସହ କିଛି ପରିମାଣର ସାର ମଧ୍ୟ ଜବତ କରାଯାଇଛି। ବେଆଇନ ଗଞ୍ଜେଇ ଚାଷ, ପରିବହନ ଓ ବିକ୍ରୟରୁ ଦୂରେଇ ରହିବାକୁ ବୌଦ୍ଧ ପୋଲିସ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛି। ଏନ୍‌ଡିପିଏସ୍ ଆଇନର ଉଲ୍ଲଂଘନ ନକରି ବୈଧ ଜୀବିକା ଅବଲମ୍ବନ କରିବା ସହ ଶାନ୍ତିପୂର୍ଣ୍ଣ ଓ ସମୃଦ୍ଧ ସମାଜ ଗଠନରେ ସହଯୋଗ କରିବାକୁ ପୋଲିସ ପକ୍ଷରୁ ଆଦର୍ଶ ଥାନା ଅଧିକାରୀ ରିନ ମୁନୀ ସୂଚନା ଦେଇଛନ୍ତି।

# ବାବା ବାଲି ଲୋକନାଥ ୟୁଥ କ୍ଲବର ସ୍ୱଚ୍ଛତା କାର୍ଯ୍ୟକ୍ରମ

**ରମ୍ଭା, ନ୍ୟୁଜ ବ୍ୟୁରୋ**
ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତର ମାଳି ଜଗନ୍ନାଥପୁର ଗ୍ରାମରେ ରହିଥିବା ବାଲି ଲୋକନାଥ ଶୈବପୀଠ ପରିସର ଓ ଶିଶୁ ଉଦ୍ୟାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଯୁବ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ମେରା ଯୁବା ଭାରତ ଅନୁଷ୍ଠାନ ସହ ଅନୁବନ୍ଧିତ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାବା ବାଲି ଲୋକନାଥ ୟୁଥକ୍ଲବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏହି ସଫେଇ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ମାନେ ସଭାପତି କେ. ଏଲେୟା ରେଡିଙ୍କ ତତ୍ତ୍ୱାବଧାନରେ ଶ୍ରମଦାନ କରିଥିଲେ। ଦୁଇ ଘଣ୍ଟାର ଏହି କାର୍ଯ୍ୟକ୍ରମରେ ଯୁବ ସ୍ୱେଚ୍ଛାସେବୀ ମାନେ ପାର୍କ ରେ ପଡିଥିବା ଅଳିଆ ଆବର୍ଜନା ଓ ମୁଖ୍ୟ ରାସ୍ତା ର ଉଭୟ ପାର୍ଶ୍ୱରେ ପଡ଼ିଥିବା ଆବର୍ଜନା ସହ ମନ୍ଦିର ପରିସର ସଫେଇ କରିଥିଲେ। ଡ଼ି. ନୀଳକଣ୍ଠ ରେଡି, କେ.ସମୀର ରେଡି, ଏନ. ପିଣ୍ଟୁ ରେଡି, ଏନ. ମନୋଜ ରେଡି, କେ. ଘନଶ୍ୟାମ ରେଡି, ଏମ. ଓମ ରେଡି ପ୍ରମୁଖଙ୍କ ସହ ଅନ୍ୟମାନେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ଥିଲେ। ୟୁଥ କ୍ଲବର ଏହି କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି।



# କାଳିମେଘି ପଞ୍ଚାୟତର ବିକାଶରେ ବାଧକ !

## ହାଇକୋର୍ଟ ଯିବାପାଇଁ ସାମ୍ବାଦିକ ସମ୍ମିଳନୀରେ ସରପଞ୍ଚଙ୍କ ଚେତାବନୀ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**
ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ ମୌଳିକ ସୁବିଧା ସୁଯୋଗ ସମସ୍ତ ଜନସାଧାରଣଙ୍କ ପାଇଁ ପ୍ରଯୁଜ୍ୟ। କିନ୍ତୁ ବେଳେବେଳେ ରାଜନୈତିକ ତିକ୍ତତା କାରଣରୁ ବଳି ପଡୁଛନ୍ତି ସାଧାରଣ ଜନତା। ସରକାରଙ୍କ ତରଫରୁ ପଞ୍ଚାୟତ ଗୁଡିକ ବିକାଶ ପାଇଁ କୋଟି କୋଟି ଟଙ୍କା ମଂଜୁର ହେଉଥିବା ବେଳେ ଦଳଗତ ସମସ୍ୟା ଯୋଗୁଁ କିଛି ସରପଞ୍ଚ ଅସହଯୋଗର ଶିକାର ହୋଇ ନିରୁପାୟ ହୋଇ ହାତବାନ୍ଧି ବସିଛନ୍ତି। ଇଛା ଥାଇ ମଧ୍ୟ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରିବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଅଭିଯୋଗ ଆଣିଛନ୍ତି ବେଗୁନିଆପଡା ବ୍ଲକ ଅନ୍ତର୍ଗତ କାଳିମେଘି ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ଅର୍ଚ୍ଚନା ତ୍ରିପାଠୀ। ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଆବଶ୍ୟକ ପଡ଼ିଲେ ନ୍ୟାୟ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ଆଗକୁ ବଢ଼ାଇବାକୁ ଅଧିକାରୀ ମାନେ ସହଯୋଗ କରୁନାହାନ୍ତି। ପୂର୍ବରୁ କରାଯାଇଥିବା କାମର ବିଲ ପୈଠ ହେଉନଥିବା ବେଳେ ନୂଆ କାମ ମଧ୍ୟ ଦିଆଯାଉନାହିଁ। ଏପରିକି ବିଧାୟକଙ୍କ ଇଚ୍ଛା ନଥିବାରୁ ପଞ୍ଚାୟତକୁ ଯିବେ ନାହିଁ ବୋଲି ଯନ୍ତ୍ରୀ କହୁଥିବା ସେ ଅଭିଯୋଗ କରିଛନ୍ତି। ଶ୍ରୀମତୀ ତ୍ରିପାଠୀ କହିଛନ୍ତି, "ସରପଞ୍ଚ ଭାବେ ମୁଁ ନିର୍ଦ୍ଦଳୀୟ ଭାବେ ନିର୍ବାଚିତ ହୋଇଛି। ମୋର ଲକ୍ଷ୍ୟ ହେଉଛି ଲୋକଙ୍କ ସେବା ଓ ପଞ୍ଚାୟତର ବିକାଶ। କିନ୍ତୁ ଆମକୁ କାମ କରିବାକୁ ଦିଆଯାଉନାହିଁ। ବିଧାୟକ ଜନସାଧାରଣଙ୍କ ପାଇଁ କାମ କରିବେ ନା ଯନ୍ତ୍ରୀଙ୍କ ସହ ସଲାସୁତୁରା ରହିବେ, ତାହା ସ୍ପଷ୍ଟ ହେବା ଦରକାର।" ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ମିଳିଥିଲା। ହେଲେ ଏଯାଏଁ କୌଣସି ଆଖିଦୃଶିଆ ସୁଫଳ ମିଳିନାହିଁ। ଅନ୍ୟପଟେ, ଦୁଇ ବର୍ଷ ଧରି ଜିପିଡିପି ଦାଖଲ କରିଥିଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ଆଶାନୁରୂପ ଉନ୍ନତି ହୋଇନଥିବାରୁ ଚଳିତ ବର୍ଷ ଏହା ଦାଖଲ କରିବାକୁ ସେ ଅନିଚ୍ଛା ପ୍ରକାଶ କରିଛନ୍ତି। "ପଞ୍ଚାୟତରେ କାମ ହେଉନାହିଁ, ତେବେ ଏତଉଚ ଦାଖଲ କରି କ'ଣ ଲାଭ?" ବୋଲି ପ୍ରଶ୍ନ କରିବା ସହ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସରପଞ୍ଚ ଶ୍ରୀମତୀ ତ୍ରିପାଠୀ।

# ଜିଲ୍ଲାରେ ଅନୁଷ୍ଠିତ ହେବ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ'



**ବୌଦ୍ଧ, ନ୍ୟୁଜ ବ୍ୟୁରୋ**
ବୌଦ୍ଧ ଜିଲ୍ଲାରେ 'ମାଇଁ ଭାରତ' ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ' (ଜିଲ୍ଲା ଯୁବ ମହୋତ୍ସବ) ଆସନ୍ତା ଅକ୍ଟୋବର ୩୦ ଓ ୩୧ ତାରିଖ ଦୁଇଦିନ ଧରି ସ୍ଥାନୀୟ ଟାଉନ୍‌ହଲ୍‌ରେ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଦଭାବନାଗୃହରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ଯୁବ ଅଧିକାରୀ ପ୍ରେରଣା ମୀନା, ଜିଲ୍ଲା କ୍ରୀଡା ଅଧିକାରୀ ଜ୍ୟୋତି ରଜ ଭୁଏ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ରଶ୍ମିରେଖା ନାୟକ, ଜିଲ୍ଲା ସୂଚ୍‌ନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ସଂଯୋଜକ ଆସ୍ମାନ ମହାକୁଡ଼ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ମହାବିଦ୍ୟାଳୟର ଅଧକ୍ଷ ଯୋଗ ଦେଇଥିଲେ। ବୈଠକ ଅନୁସାରେ ବୌଦ୍ଧ ଜିଲ୍ଲାର ଆଗ୍ରହୀ ଯୁବ ପ୍ରତିଭା ଆସନ୍ତା ତା। ୩୦ ଓ ୩୧ ଅକ୍ଟୋବର ଦିନ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ'ରେ ଯୋଗ ଦେବେ। ଯୁବ ମହୋତ୍ସବରେ କେବଳ ୧୫ ବର୍ଷରୁ ୨୯ ବର୍ଷ ବୟସର ଯୁବ ବର୍ଗ ଅଂଶଗ୍ରହଣ କରିବେ। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସମସ୍ତ ସହର ଓ ଗ୍ରାମାଞ୍ଚଳର ସମସ୍ତ ଯୁବବର୍ଗ ତଥା ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଥିବା ୟୁଥ କ୍ଲବ ଏବଂ ଆଶାୟୀ ପ୍ରତିଯୋଗୀ ମାନେ ମାଇଁ ଭାରତ ପୋର୍ଟାଲରେ ନିଜ ନାମ ପିକରଣ କରିବେ। ୩୦ ତାରିଖରେ ଅନ ସ୍ପଟ୍ ମଧ୍ୟ ଏହା ହୋଇପାରିବ। ଏଥିରେ ଚିତ୍ରାଙ୍କନ, କବିତା ଲିଖନ ଭଳି ବ୍ୟକ୍ତିଗତ ଏବଂ ଫୋକ ଡ୍ୟାନ୍ସ, ଫୋକ ସଂଗୀତ, ନୁକ୍କଡ ନାଟକ ଭଳି ଗୋଷ୍ଠୀଗତ ପ୍ରତିଯୋଗିତା ଆୟୋଜିତ ହେବ। ଜିଲ୍ଲାର ସମସ୍ତ ଯୁବ ପ୍ରତିଭା ଏଥିରେ ଅଂଶ ଗ୍ରହଣ କରି ନିଜର ପ୍ରତିଭା ପ୍ରତିଷ୍ଠିତ କରିବାର ସୁଯୋଗ ପାଇପାରିବେ। ଏହି ପ୍ରତିଯୋଗିତାରୀ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ଏବଂ ସେମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ।

## ଆଜିର ଭଲମନ୍ଦ



### ଉଦୟକାଳୀନ ଗ୍ରହଚକ୍ର




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ସନ- ୧୪୩୪ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

**ତା୨୬।୧୦।୨୦୨୬, କାର୍ତ୍ତିକ ଦ୧୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୪୭।୧୩ ଚନ୍ଦ୍ରୋଦୟ- ସଂଘ୫।୧୫।୪୬**

ପୂର୍ଣ୍ଣିମା ଦିଘ ୯।୪୩ ପର୍ଯ୍ୟନ୍ତ। ଅଶ୍ୱିନୀ ନକ୍ଷତ୍ର ସଂଘ ୫।୪୩ ପର୍ଯ୍ୟନ୍ତ। ମେଷ ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ମେଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୯।୪୩ ଗତେ ପାଣିକଖାରୁ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୪୯ ଗତେ ଦିଘ ୭।୧୫ ମଧ୍ୟେ। ଦିଘ ୮।୫୩ ଗତେ ଦିଘ ୧୧।୦୯ ମଧ୍ୟେ। **ପର୍ବୋତ୍ସବ-** ଅଶ୍ୱିନ ପୂର୍ଣ୍ଣିମା, କାର୍ତ୍ତିକେୟ ଜନ୍ମ, କାର୍ତ୍ତିକ ବ୍ରତ ଆରମ୍ଭ।



**ମେଷ:** କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ ହେବ। ଆର୍ଥିକ ସ୍ଥିତି ସୁଦୃଢ ହେବ। ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ। ମାଲିମୋକଦ୍ଦମା କ୍ଷେତ୍ରରେ ଲାଭବାନ ହେବେ।

**ବୃଷ:** ଶତ୍ରୁମାନଙ୍କ ଠାରୁ ପରାସ୍ତ ହେବେ। ମାନସିକ ଶାନ୍ତି ପ୍ରାପ୍ତ ହେବ। ସୁସମ୍ବାଦ ପାଇବେ। ଆୟ ଓ ବ୍ୟୟ ସମାନ ରହିବ। ବ୍ୟସ୍ତତା ମଧ୍ୟରେ ଦିନଟି କଟିବ। ଠକାମୀର ଶିକାର ହୋଇପାରନ୍ତି। ଗୃହେ ଦ୍ୱନ୍ଦ ଦେଖାଦେଇପାରେ।

**ମିଥୁନ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ। ରୋଜଗାର ମଧ୍ୟମ ଧରଣର ହେବ। କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରି ବ୍ୟସ୍ତ ରହିବେ। ପାରିବାରିକ କଳହ ଜାତ ହେବ। ନିଜର ସାଧନା ବଳରେ ସିଦ୍ଧି ଲାଭ କରିବେ।

**କର୍କଟ:** କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ। ଆୟଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅଶାନ୍ତି କଳହ ଦେଖାଦେଇପାରେ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ମନ ଅସ୍ଥିର ରହିବ।

**ସିଂହ:** ଘରେ ବିଶୃଙ୍ଖଳା ସୃଷ୍ଟି ହେବ। ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ। ରୋଜଗାର ସ୍ଥିର ରହିବ। ବନ୍ଧୁ ବାନ୍ଧବଙ୍କ ସହ ମତଭେଦ ଦେଖାଦେଇପାରେ। ମହିଳାମାନେ ଗର୍ବୀ ହେବେ।

**କନ୍ୟା:** ବେପାର ବାଣିଜ୍ୟରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ ବିଶୃଙ୍ଖଳା ଦେଖାଦେବ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଭ୍ରମଣ ଯୋଗ ମଧ୍ୟ ରହିଛି। ଆୟର ପରିମାଣ ବୃଦ୍ଧି ପାଇବ।

**ବିଛା:** ବ୍ୟବସାୟରେ ଲାଭର ଆଶା କମ୍। ବ୍ୟୟର ମାତ୍ରା ବଢିବ। ବନ୍ଧୁଙ୍କ ସହ ମତଭେଦ ବୃଦ୍ଧି ହୋଇପାରେ। ଶତ୍ରୁଙ୍କ ଠାରୁ ସତର୍କ ରହିବେ। ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ।

**ଧନୁ:** ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି। କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଘରେ ଖୁସି ଦେଖାଦେବ। ଶୁଭ ଖବର ମଧ୍ୟ ପାଇପାରନ୍ତି।

**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି। ରୋଜଗାର ଭଲ ହେବ। ଗୃହେ ଖୁସିର ବାତାବରଣ ଖେଳିଯିବ।

**କୁମ୍ଭ:** ଶତ୍ରୁ ନାଶ ହେବେ। ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାର।

**ମୀନ:** ବେପାର ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଅଳସୁଆ ହେବେ। ଖର୍ଚ୍ଚର ମାତ୍ରା ଅଧିକ ହେବ। ଘରେ କଳହ ଓ ଅଶାନ୍ତି ଦେଖାଦେବ। ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡିପାରେ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୭।୧୦।୨୦୨୬, କାର୍ତ୍ତିକ ଦି୧୧ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୪୭।୩୮ ଚନ୍ଦ୍ରୋଦୟ-ପ୍ରାଘ୬।୦୪।୫୪**

ପ୍ରତିପଦ-ପ୍ରାଘ୭।୦୩ ଦ୍ୱିତୀୟାକ୍ଷୟ। ଦ୍ୱିଜା**ନକ୍ଷତ୍ର ଦିଘ ୩।୫୦**ପର୍ଯ୍ୟନ୍ତ। ମେଷଚନ୍ଦ୍ର-ସଂଘ୯।୦୮ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମିଥୁନ,କର୍କଟ,ସିଂହ,ତୁଳା,ବିଛା,ଧନୁ,କୁମ୍ଭ,ମୀନ ରାଶିର ରାଘ ୯।୦୮ଗତେ ବୃଷ,ମିଥୁନ,କର୍କଟ,ସିଂହ,ଧନୁ, କୁମ୍ଭ,ମୀନ ରାଶୀର। **ଘାତ ଚନ୍ଦ୍ର- ମେଷ ରାଶିର।** **ଶ୍ରାଦ୍ଧନିର୍ଣ୍ଣୟ-**ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-**ପାଣି କଖାରୁ ପ୍ରାଘ୭।୦୩ ଗତେ ବୋଇତାଳୁ ଖାଇବା ମନା। **ଆଜିର ଶୁଭବେଳା-**ପ୍ରାଘ ୫।୫୦ ଗତେ ଦିଘ ୬।୩୬ମଧ୍ୟେ। ଦିଘ ୮।୪୦ ଗତେ ଦିଘ ୧୧।୧୯ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଭାରତରେ ବ୍ୟାଙ୍କିଂ ସେବା ଠପ୍ ସ୍ଥିତି ଆସିଲେ କ'ଣ ହେବ

ନିକଟରେ ବ୍ରିଟେନରେ ଗୁଗଲ୍ କ୍ଲାଉଡ୍‌ର ସେବା ଠପ୍ ହୋଇଯାଇଥିଲା । ଯାହା ଫଳରେ ସେଠାକାର ସମଗ୍ର ଆର୍ଥିକ ଏବଂ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା କିଛି ସମୟ ପାଇଁ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ଏହି ବଡ଼ଧରଣର ବୈଷୟିକ ତ୍ରୁଟି ଅନଲାଇନ ପେମେଣ୍ଟ ଏବଂ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ସେବାକୁ ବନ୍ଦ କରିଦେଇଥିଲା, ଯାହା ପୂରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଭାରତ ଭଳି ଏକ ବିଶାଳ ଦେଶରେ ମଧ୍ୟ ଏପରି ସଙ୍କଟ ଆସିପାରେ କି ବୋଲି ପ୍ରଶ୍ନ ଉଠିଛି । ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କର କଡ଼ା ନିୟମ ଯୋଗୁଁ ଭାରତର ବ୍ୟାଙ୍କିଙ୍ଗ୍ ଢାଞ୍ଚା କିପରି ସୁରକ୍ଷିତ ଓ ଆତ୍ମନିର୍ଭରଶୀଳ ରହିଛି, ତାହା ଜାଣିନେବା ଉଚିତ। ବ୍ରିଟେନର ଲଣ୍ଡନସ୍ଥିତ ଗୁଗଲ୍ କ୍ଲାଉଡ୍ ଡାଟା ସେଣ୍ଟରରେ ବିଦ୍ୟୁତ୍ ଯୋଗାଣକୁ ନେଇ ଏକ ବଡ଼ ବୈଷୟିକ ଦେଖାଦେଇଥିଲା । ଏହି ବାଧା ଯୋଗୁଁ ରିଭୋଲୁଟ୍, ଏଚ୍‌ଏସ୍‌ବିସି ଏବଂ ଲଏଡ୍ସ ବ୍ୟାଙ୍କ ଭଳି ପ୍ରମୁଖ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକର ସେବା ହଠାତ୍ ବାଧାପ୍ରାପ୍ତ ହୋଇଥିଲା । ସବୁଠାରୁ ବଡ଼ ଦୁର୍ବଳତା ଏହା ଥିଲା ଯେ, ସେହି ଅଞ୍ଚଳରେ ଗୁଗଲ୍‌ର କେବଳ ଗୋଟିଏ ମାତ୍ର କ୍ଲାଉଡ୍ ରିଜନ୍ ସକ୍ରିୟ ଥିଲା । ଯେତେବେଳେ ମୁଖ୍ୟ ଡାଟା ସେଣ୍ଟର ଫେଲ୍ ହେଲା, ସେତେବେଳେ ବ୍ୟାକଅପ୍ ପାଇଁ ଅନ୍ୟ କୌଣସି ସ୍ଥାନୀୟ ବିକଳ୍ପ ନ ଥିବାରୁ ସମଗ୍ର ବ୍ୟାଙ୍କିଙ୍ଗ୍ ସିଷ୍ଟମ ନିମିଷକ ମଧ୍ୟରେ ଠପ୍ ହୋଇଗଲା । ଭାରତୀୟ ବ୍ୟାଙ୍କିଙ୍ଗ୍ ପ୍ରଣାଳୀକୁ ଏପରି ସଙ୍କଟରୁ ସୁରକ୍ଷିତ ରଖିବା ପାଇଁ ରିଜର୍ଭ ବ୍ୟାଙ୍କ ଅତ୍ୟନ୍ତ କଡ଼ା ଏବଂ ସ୍ପଷ୍ଟ ନିୟମ ଧାର୍ଯ୍ୟ କରିଛି । ଭାରତର ସମସ୍ତ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ଗ୍ରାହକଙ୍କ ସମସ୍ତ ଆର୍ଥିକ ତଥ୍ୟ ଦେଶର ଭୌଗୋଳିକ ସୀମା ଭିତରେ ହିଁ ସୁରକ୍ଷିତ ରଖିବା ବାଧ୍ୟତାମୂଳକ କରାଯାଇଛି । ବାହାର ଦେଶ ଉପରେ ନିର୍ଭରଶୀଳତା ନଥିବାରୁ ବାହ୍ୟ ବୈଷୟିକ ତ୍ରୁଟିଗୁଡ଼ିକର ପ୍ରଭାବ ଏଠାକାର ସିଷ୍ଟମ ଉପରେ ପଡ଼େ ନାହିଁ । ଏହାଛାଡ଼ା, ଗୁଗଲ୍ କ୍ଲାଉଡ୍, ଆମାଜନ୍ ୱେବ୍ ସର୍ଭିସେସ୍ ଏବଂ ମାଇକ୍ରୋସଫ୍ଟ ଆଜ୍ୟୁର୍ ଭଳି ବଡ଼ କମ୍ପାନୀଗୁଡ଼ିକର ଡାଟା ସେଣ୍ଟର ମୁମ୍ବାଇ, ଦିଲ୍ଲୀ-NCR, ପୁଣେ ଏବଂ ହାଇଦ୍ରାବାଦ ଭଳି ଭିନ୍ନ ଭିନ୍ନ ସହରରେ ବିସ୍ତାରିତ ହୋଇ ରହିଛି । ଯଦି କୌଣସି ଗୋଟିଏ ସହରର ସର୍ଭରରେ ସମସ୍ୟା ଦେଖାଦିଏ, ତେବେ ଟ୍ରାଫିକ ବିନା କୌଣସି ବିଳମ୍ବରେ ଅନ୍ୟ ସହରର ସର୍ଭରକୁ ସ୍ଥାନାନ୍ତରିତ ହୋଇଯାଏ । ଭାରତୀୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକରେ ବୈଷୟିକ ମୋର୍ଚ୍ଚାରେ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଡିଜାଷ୍ଟର୍ ରିକଭରୀ ସିଷ୍ଟମର କଡ଼ା ପାଳନ କରାଯାଏ । ପ୍ରତ୍ୟେକ ବଡ଼ ବ୍ୟାଙ୍କର ଏକ ମୁଖ୍ୟ ଡାଟା ସେଣ୍ଟର ସହିତ ଦେଶର ଅନ୍ୟ କୌଣସି ସୁରକ୍ଷିତ ସହରରେ ଏକ ସମ୍ପୂର୍ଣ୍ଣ ପ୍ରସ୍ତୁତ ଡିଜାଷ୍ଟର୍ ରିକଭରୀ ସାଇଟ୍ ମଧ୍ୟ ରହିଥାଏ । ଏହି ଦୁଇଟି ସେଣ୍ଟର ମଧ୍ୟରେ ପ୍ରତି ସେକେଣ୍ଡର ତଥ୍ୟ ରିଅଲ୍-ଟାଇମ୍‌ରେ ସିଙ୍କ୍ ହେଉଥାଏ । ଯଦି କେବେ ମୁଖ୍ୟ ଡେଟା ସେଣ୍ଟରରେ ବିଦ୍ୟୁତ୍ ଚାଲିଯାଏ କିମ୍ବା କୌଣସି ବଡ଼ ବୈଷୟିକ ବାଧା ସୃଷ୍ଟି ହୁଏ, ତେବେ ଅନ୍ୟତ୍ର ଥିବା ଡିଜାଷ୍ଟର୍ ରିକଭରୀ ସାଇଟ୍ ସ୍ୱୟଂଚାଳିତ ଭାବେ ସକ୍ରିୟ ହୋଇଯାଏ ଏବଂ ବ୍ୟାଙ୍କିଙ୍ଗ୍ ସେବା ଗୋଟିଏ ସେକେଣ୍ଡ ମଧ୍ୟ ନ ଅଟକି ନିର୍ବିଘ୍ନରେ ଚାଲେ ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## ବ୍ୟକ୍ତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ବ୍ୟକ୍ତି ଯେ ପର୍ଯ୍ୟନ୍ତ ବ୍ୟକ୍ତତ୍ୱର ବିକାଶ ନ କରିଛି ସେ ପର୍ଯ୍ୟନ୍ତ ସେ ମାୟାର ବନ୍ଧନରେ ଥାଏ । କେବଳ ସେ ହିଁ ସେହି ହୋଇଥାଏ । ପଶୁ ପ୍ରକୃତିକୁ ଆଧାର କରି ଚାଲିଥାଏ। କାମ,କ୍ରୋଧ,ଲୋଭ,ମୋହରେ ଆବୃତ ହୋଇଥାଏ। ନିଜେ ଖାଇବ ନିଜେ ବଞ୍ଚିବ ନିଜର ସୁଖ ସ୍ୱାଛନ୍ଦ୍ୟ କୁ ଜାହିର କରୁଥାଏ ପ୍ରତିମୂହୂର୍ତ୍ତରେ ଏହା ହିଁ ତ ମାୟା,ମନୁଷ୍ୟ ଜନ୍ମର ସାର୍ଥକତାକୁ ସେ ଭୂଲିଯାଇଥାଏ । ପରଶ୍ରୀକାତରତାର ନିଶାରେ ସେ ମୋହାନ୍ଧ ହୋଇ ସଂସାର ଓ ସମାଜର ବୋଝ ହୋଇଥାଏ । ତେଣୁ ଏ ବୋଝ ତାକୁ ଏତେ ଭାରି ପଡେ ଯେ ପରିଶେଷରେ ତାର ନିଜର ଲୋକ ମାନେହିଁ ତାକୁ ଘୃଣା କରୁଥାଆନ୍ତି । କିନ୍ତୁ ସେ ଭାବେ ମୁଁ ଯାହା କରୁଛି ଠିକ୍ କରୁଛି । ଯାହା କରିଛି ସେବି ଠିକ୍ । କିନ୍ତୁ ପରିଶେଷରେ ମନୁଷ୍ୟ ହିତା ହିତ ଜ୍ଞାନ ଭୂଲି ନର୍କଗାମୀ ହୋଇଥାଏ । ତେଣୁ ହେ ସୁଧିଜନ ବେଳହୁଁ ଗୋବିନ୍ଦ ସୁମର । ଆମେ ଯାହା କରୁଛୁ ତାହା ଠିକ୍ ବୋଲି ଆମେ କହିଲେ ହେବନାହିଁ । କାରଣ ମନୁଷ୍ୟର ଦର୍ପଣ ହେଉଛି ସମାଜ,ତୁମର କର୍ମକୁ ସମାଜ ଦେଖିଛି କାରଣ ବହୁ ଲୋକଙ୍କ ହୃଦୟରେ ଯେଉଁ ଭାବ ଜାଗ୍ରତ ହୁଏ ତାହାହିଁ ଈଶ୍ୱର ବାଣୀ । ଆମେ କହିଲେ କେମିତି ହେବ । ତେଣୁ ହେ ସୁଧିଜନ ସବୁ ମୂହୂର୍ତ୍ତରେ ବ୍ୟକ୍ତିଗତ ମନଭାବ ଭୂଲି ସମାଜର ଅଗ୍ରଗତି ଦିଗରେ ସଚେତନ ହେଲେ ଈଶ୍ୱର ନିଶ୍ଚୟ ତୁମକୁ ଆର୍ଶୀବାଦ କରିବେ । ହରିଓଁ ।

◆◆

# ଶରତର ଚାନ୍ଦିନୀ ରାତି - କୁମାର ଉତ୍ସବର ମହକ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

କନ୍ୟା ସଂକ୍ରାନ୍ତିଠାରୁ ଭୋଗ ପଚିଶଦିନ, ଭାସ୍କର ଅଶ୍ୱିନୀ ମେଷରେ। ଆଶ୍ୱିନ ପୂର୍ଣ୍ଣିମା ତିଥି - ଏହା କୁମାର ପୂର୍ଣ୍ଣିମା ଭାବେ ଖ୍ୟାତ। ଓଡିଶାର ଘରେ ଘରେ କୁଆଁର ପୁନେଇଁ ଓଷା। ଅନୂଢା କୁମାରୀଏ ଏହି ଓଷା ପାଳନ୍ତି। ପ୍ରଥମେ ଶିବ ପାର୍ବତୀଙ୍କୁ ଆବାହନ କରାଯାଏ, ତତ୍ପରେ ତାଙ୍କର ପୁତ୍ର କାର୍ତ୍ତିକେୟଙ୍କ ଉପାସନା। କାର୍ତ୍ତିକେୟ ସୌମ୍ୟକାନ୍ତି ଧାରୀ, ବୀର, ସୌର୍ଯ୍ୟବନ୍ତ। ତାଙ୍କୁ ଆରାଧନା କଲେ ତାଙ୍କ ସମ ଜୀବନ ସାଥୀଟି ମିଳେ- ଏଇ ବିଶ୍ୱାସ ହିଁ କୁଆଁର ପରବର ମୂଳକଥା। ପୂର୍ଣ୍ଣିମା ଦିନ କୁମାରୀମାନେ ବୃନ୍ଦାବତୀଙ୍କ ନିକଟରେ ଓଷା କରନ୍ତି। ତା' ପରେ ଚାନ୍ଦବନ୍ଦାଣ। ଆନନ୍ଦ ଉଲ୍ଲାସରେ ସେମାନେ ହଜି ମଜ୍ଜି ଯାଆନ୍ତି ପୁଚି ଖେଳରେ। ତାଙ୍କ କଣ୍ଠରୁ ଝରିଆସେ ଲଳିତ ମଧୁର କୁଆଁର ପୁନେଇ ଗୀତ। ଫୁଲ ବଉଳବେଣୀର ଘୋଷାଧରି ଝିଅମାନେ ଗାଆନ୍ତି ସୁମଧୁର ସଂଗୀତ, ଚାନ୍ଦ ଗୀତ। ଉଚ୍ଛୁଳି ଉଠେ ଗାଁ ଦାଣ୍ଡ। ଜୋଛନା ଭିଜା ପଲ୍ଲୀ ସଞ୍ଜ ହୋଇଯାଏ ଉତ୍ସବ ମୁଖର।

ଦୂର ଗାଁ ନଈସେପାରି। ଡେଙ୍ଗା ନଡିଆ ଗଛର ମଥାନ ଛୁଇଁ ଉଇଁ ଆସେ ପୁନେଇଁ ଚାନ୍ଦ। ଗୋଧୂଳି ଲଗ୍ନରେ ଗାଁ। କୁମାରୀମାନେ ଏକତ୍ରିତ ହୋଇଯାଆନ୍ତି ତୁଳସୀ ଚଉରାମୂଳେ। ଗୋମୟରେ ଲିପା ପୋଛା ପରେ, ଓଷାକୋଠି କାଟନ୍ତି ନାମଜାତି ମୁରୁଜରେ। ସଜେଇ ଦିଅନ୍ତି କଇଁ, କନିଅର, ଜହ୍ନି କାକୁଡି ଫୁଲରେ। ମୁରୁଜରେ ଆଙ୍କନ୍ତି ଚନ୍ଦ୍ରମାଙ୍କର ପୂର୍ଣ୍ଣ ଚିତ୍ର। ପୁରୋହିତେ ଚାଙ୍ଗୁଡି ପୂଜା କରନ୍ତି, ନୈବେଦ୍ୟ ବାଢନ୍ତି ବୃନ୍ଦାବତୀଙ୍କ ସମ୍ମୁଖରେ। ଖଇ, ଉଖୁଡା, ଖଜା, କଦଳୀ, ତାଳଗଜା, କ୍ଷୀର, ନାରିକେଳ- ନାନା ପ୍ରକାର ଭୋଗରାଗ। ଧୂପ, ଅଗରୁ, ଚନ୍ଦନ, ଝୁଣାର ମହମହ ବାସ୍ନା, ହୁଳହୁଳି, ଶଙ୍ଖଧ୍ୱନି, ଘଣ୍ଟଘଣ୍ଟା ନାଦରେ ଫାଟି ପଡେ ଓଷାକୋଠି। ତା' ପରେ ଓଷେଇତି ମାନଙ୍କର ଚାନ୍ଦବନ୍ଦାଣ, ହାତରେ ଦୀପ ଧରି ଆବାହନ କରନ୍ତି ଆରାଧ୍ୟ ଦେବତାଙ୍କୁ, ଭକ୍ତିପୂତ ପ୍ରଣତି ବାଢନ୍ତି। ଶେଷରେ ପୁଚିଖେଳ; ଠିଆ ପୁଚି, ବସା ପୁଚି। କିଏ ଗାଏ ଚାନ୍ଦ ଗୀତ, ଆଉ କିଏ କୁଆଁର ପୁନେଇଁ ତ ଅନ୍ୟ କାହା କଣ୍ଠରେ ଫୁଲ ବଉଳ ବେଣୀର ଲହରୀ ସଙ୍ଗୀତ। ମନ ହଜିଯାଏ, ପ୍ରାଣ ଉଲ୍ଲସି ଉଠେ ରସମୟ ଭାବ ପରଶରେ। ଅଳସ ଭାଙ୍ଗେ ପୁନେଇ ଚାନ୍ଦ ଦୂର ମୁଣ୍ଡିଆ ଆରପଟେ। ଗାଁ ଉତ୍ସବ ମୁଖର ହୁଏ ଢେର୍ ରାତି ଯାଏଁ। କୁନିକୁନି ବାଳକ ପାଳ ଭୂତ ସାଜି ଦେଖାନ୍ତି କେତେ ପ୍ରକାର କୌତୁକ। ସେମାନଙ୍କ ସହ ମିଶି ସାଇ ବୁଲନ୍ତି ସାନ ସାନ ଝିଅମାନେ। ବଡ ଆବେଗରେ ଗାଉଥାନ୍ତି, "କୁଆଁର ପୁନେଇଁ ଜହ୍ନଗୋ/ ପଡିଥାଏ ଘନ ଘନ ଗୋ/ କେଶେଇ ପେଡିକି ମନ/ ରଙ୍ଗତା ପେଡିକି ମନ/ କେଶେଇ ପେଡିରେ କିଶ ହୋଇ / ହାତୁ ପଡିଣ ଭାଙ୍ଗି ଯିବଇଁ/ କୁଆଁର ପୁନେଇଁ ଜହ୍ନ ଗୋ/ ମନ ହୁଏ ଛନ ଛନ ଗୋ/ ନିତି ମାଗଇ ନିତି ଖାଇ/ ଦୋଳ କେଉଁ ଦିନ ପଚାରୁଥାଇଁ/ କାଠ ଗୋ କାଠ ଗହ୍ମାରୀ/ ଏଇ କାନ ଫରି ଆମରି/ ପିଲାଟି କାଳରୁ ବାହା ହୋଇଥିଲି/ ସମସ୍ତେ ଡାକନ୍ତି ଖୁଡି ଗୋ/ ଖୁଡି ଖୁଡି ବୋଲି ବାହାରେ ଠିଆ/ କଥା ନକହିଲା ଗରଲ ଖିଆ।" ଏମିତି ଗୀତ ସହ ଚାଲେ ପୁଚି ଖେଳ। ପୁଚି ଖେଳୁ ଖେଳୁ କିଏ ଗାଏ, "ପୁଚି ଲୋ ଯା-ଯା-ଯା ତୁ ଘୁଞ୍ଚିଲୋ/ ଗହିରି ବିଲରେ ଚୁଆ/ ଚୁଆ ଚାରିକଡେ ବୁଦା ସନ୍ଧିରେ ଚଢେଇ ଦେଇଛି ଛୁଆ/ ପୁଚିଲୋ ଯା-ଯା ତୁ ଘୁଞ୍ଚିଲୋ/ ଠିଆ ପୁଚି ନାରଙ୍ଗ/ ଗୋଡ ଦି'ଟା ସାରଙ୍ଗ/ ସାରଙ୍ଗ ବାଡିକି ଯାଇଥିଲି ସାରଙ୍ଗ ଶୁଖୁଆ ଆଣିଥିଲି/ ଅଧେ କଲି ରାଇ/ଅଧେ କଲି ଭଜା/ ମୋ ଭାଇଟି ରାଜା/ ମୋ ଉଭଣୀ ରାଣୀ/ ଦେଇ ପଠେଇବ ପାଣି "- ଏମିତି ହସ, କୁଦ, ଖେଳ, ଆନନ୍ଦ, ଟାହି-ଟାପରା- ଏହିପରି କେତେ କ'ଣ। ବଡ ଓଷେଇତି ମାନେ ସୁମଧୁର ତାଳରେ ବୋଲୁଥାନ୍ତି ଫୁଲ ବଉଳ ବେଣୀ ଗୀତ। ଏଥିରେ ପୂରି ରହିଛି କଳ୍ପନା ବିଳାସ, ଉପମା, ଉପମେୟ ସହିତ ଗ୍ରାମ୍ୟ ଜୀବନ ଚଳଣିର ନାନା କଥା।

କୁଆଁର ପୁନେଇଁ ଓଷା ପୃଷ୍ଠଭୂମିରେ ବଳିଷ୍ଠ ପୌରାଣିକ ତଥ୍ୟଟିଏ। ମହାପ୍ରତାପୀ ରାଜା ଦକ୍ଷଙ୍କର କନ୍ୟା ସତୀ ଶ୍ମଶାନବାସୀ, ଜଟାଭସ୍ମ, ବିଭୂତିଧାରୀ ଭୋଳାନାଥ ଶିବଙ୍କୁ ପତିରୂପେ ବରଣ କଲେ। ଦକ୍ଷ ଏହାକୁ ସହଜରେ ଗ୍ରହଣ କରିପାରିଲେନି। ଶିବଙ୍କୁ ଅପମାନିତ କରିବା ପାଇଁ ଆୟୋଜନ କଲେ ଯଜ୍ଞଟିଏ। ସତୀଙ୍କୁ ନିମନ୍ତ୍ରଣ କଲେ; ମାତ୍ର ଜ୍ୱାଇଁ ବରଣ କଲେ ନାହିଁ। ସତୀ ଲଜ୍ଜା, ଅପମାନରେ ଯଜ୍ଞ କୁଣ୍ଡରେ ଝାସ ଦେଲେ। ତାଙ୍କ ଅର୍ଦ୍ଧଦଗ୍ଧ ମୃତ ପିଣ୍ଡକୁ କାନ୍ଧରେ ଧରି ଶିବ ରଚିଲେ ମହାତାଣ୍ଡବ। ଧରିତ୍ରୀ ହେଲା ଥରହର, ଦେବତାମାନେ ଭୟ କାତର ହୋଇ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ। ବିଷ୍ଣୁ ସୁଦର୍ଶନ ଚକ୍ରରେ ସତୀଙ୍କ ଶବକୁ ଛେଦନ କଲେ ସପ୍ତ ଖଣ୍ଡରେ। ସେଗୁଡିକ ବିଚ୍ଛୁରିତ ହୋଇପଡିଲା। ଖଣ୍ଡେ ପଡିଲା ହିମାଳୟ ପାଦଦେଶରେ। ଗିରିରାଜ ହିମାଳୟ ଥିଲେ ମହା ତପସ୍ୱୀ। ଦେବତାଙ୍କ ଶୂନ୍ୟବାଣୀ ଦ୍ୱାରା ଆଦିଷ୍ଟ ହୋଇ ସେଇ ମୃତ ଖଣ୍ଡାଂଶକୁ ଜୀବନ୍ୟାସ ଦେଲେ। ଜନ୍ମ ନେଲେ ପାର୍ବତୀ। ଗିରିରାଜ ନିଜ କନ୍ୟା ପାର୍ବତୀଙ୍କୁ ଶିବଙ୍କ ହାତରେ ସମର୍ପି ଦେଲେ। ମହାସନ୍ତୋଷରେ ଶିବ ଦାମ୍ପତ୍ୟ ସୁଖରେ ମଜ୍ଜି ରହିଲେ। ଦୁଷ୍ଟ ସଂହାରକଥା ସମ୍ପୂର୍ଣ୍ଣ ପାସୋରି ଦେଲେ। ଏଣେ ଅସୁରମାନଙ୍କ ପ୍ରତାପ ବଢିଲା। ତାରକ ଦୈତ୍ୟର ନିର୍ଯ୍ୟାତନା ବେଳକୁ ବେଳ ଅସହ୍ୟ ହେଲା। ତା'ର ବିନାଶ ପାଇଁ ଦେବତାମାନେ ଶିବଙ୍କୁ ସ୍ତୁତି କଲେ। ଶିବଙ୍କର ଅସମ୍ପୂର୍ଣ୍ଣ ରହିଲା ରତିସୁଖ। ତାଙ୍କ ବ୍ରହ୍ମଜ୍ୟୋତି ରେତ ପୃଥିବୀ ବକ୍ଷରେ ନିପତିତ ହେଲେ ସୃଷ୍ଟି ଧ୍ୱଂସ ପାଇବ। ଏଣୁ ଦେବତାମାନଙ୍କ ଅନୁରୋଧ କ୍ରମେ ଅଗ୍ନି ଏହାକୁ ମଥାରେ ଧାରଣ କରି ଚାଲିଲେ। ଏହା ଅତୀବ ଗୁରୁ ହେବାରୁ ପବନ ଦେବତା ତାହା ବହନ କଲେ। ଏ ପ୍ରସଙ୍ଗଟି ଫୁଲ ବଉଳ ବେଣୀ ଗୀତରେ ବର୍ଣ୍ଣିତ। "ଗଇସ ଫୁଲଟି ଧଳା ଗୋ ଫୁଲ ବଉଳ ବେଣୀ/ ପାର୍ବତୀପତି ଭୋଳା ମହେଶ୍ୱର କରୁଥିଲେ କାମ କ୍ରୀଡା ଗୋ ଫୁଲ ବଉଳ ବେଣୀ/ ଘର ଦରଜାରେ ଦେବତା ଡାକିଲେ /ଶିବ ହେଲେ ଅଭିମାନୀ ଗୋ ଫୁଲ ବଉଳ ବେଣୀ।" ଶିବଙ୍କ ରେତକୁ ବହନ କରି ନେଉଥିବା ପବନ ଦେବତାଙ୍କୁ ମିଳିଲା ସୁବର୍ଣ୍ଣ ସୁଯୋଗଟିଏ। ନିବସ୍ତ୍ର ହୋଇ ଷଡ କୃତ୍ତିକା କୁମାରୀ ଗଙ୍ଗାସ୍ନାନ କରୁଥିଲେ। ସମାନ ଭାବରେ ସେମାନଙ୍କ ଗର୍ଭରେ ନିକ୍ଷେପ କଲେ ଶିବଙ୍କ ବ୍ରହ୍ମ ରେତ। ସେମାନେ ହେଲେ ଗର୍ଭବତୀ। ଏହି କୁମାରୀ କନ୍ୟାମାନେ ଜନ୍ମ ଦେଲେ ଛଅ ଶିଶୁ କୁମରଙ୍କୁ। ନିନ୍ଦା, ଅପବାଦ ଭୟରେ ସେହି ଶିଶୁଙ୍କୁ ମଞ୍ଜୁଷାରେ ଭର୍ତ୍ତି କରି ଭସାଇ ଦେଲେ ଗଙ୍ଗା ଗର୍ଭରେ। ଏ କଥାଟି ମଧ୍ୟ ଫୁଲ ବଉଳ ବେଣୀ ଭିତରେ ଚିତ୍ରିତ, "ଛଇତନା ଗଛ ଡାଳ ଗୋ ଫୁଲ ବଉଳ ବେଣୀ/ ଛଇ ଛଟକି ସେ ଷଡ କନ୍ୟାଙ୍କର/ ଜଳ କେଳି କୌତୁହଳ ଗୋ ଫୁଲ ବଉଳ ବେଣୀ/ ଜାମୁ ରୋଳ କୋଳି ମିଠା ଗୋ ଫୁଲ ବଉଳ ବେଣୀ/ ଜହର ମଣିଲେ ଷଡ କନ୍ୟାମାନେ/ ଜଗତ କରିବ ଥଟ୍ଟା ଗୋ ଫୁଲ ବଉଳ ବେଣୀ/ ଝୁଣା ବାସ ମହ ମହ ଗୋ ଫୁଲ ବଉଳ ବେଣୀ/ ଝରି ପଡୁଥିଲା କୃତ୍ତିକା କନ୍ୟାଙ୍କ ନୟନୁ ତତଲା ଲୁହ ଗୋ ଫୁଲ ବଉଳ ବେଣୀ/ ନଅର କୋଳିଟି ଖଟା ଗୋ ଫୁଲ ବଉଳ ବେଣୀ/ ନବରତ୍ନ ବାଳୀ ହୋଇ ନିଉଛାଳି/ ସାର ହେଲା ହଟହଟା ଗୋ ଫୁଲ ବଉଳ ବେଣୀ/ଠକି ଦେଇ ଗଲେ କେ ଅପଦେବତା/ କୁମାରୀଙ୍କ ହେଲା କାଳ ଗୋ ଫୁଲ ବଉଳ ବେଣୀ।" ବିଧିଙ୍କ ନିର୍ଦ୍ଦେଶ ଥିଲା ସମ୍ପୂର୍ଣ୍ଣ ଭିନ୍ନ। ବ୍ରହ୍ମା ସେଇ ଛଅ ଶିଶୁଙ୍କୁ ନେଇ ଶିବଙ୍କ ପାଖରେ ପରିଚୟ କରାଇଲେ। ନିଜ ଔରସରୁ ଜାତ ଏଇ ଷଡ ଶିଶୁଙ୍କୁ ଶିବ ଅତି ଆନନ୍ଦରେ ଗ୍ରହଣ କଲେ। ସେମାନଙ୍କ ଶରୀର, ମସ୍ତିଷ୍କକୁ ଏକତ୍ର କରି ସୁନ୍ଦର ପୁତ୍ରଟିରେ ପରିଣତ କଲେ। ସେଇ ଶୁଭ ଦିନଟି ଥିଲା ପବିତ୍ର ଆଶ୍ୱିନ ପୂର୍ଣ୍ଣିମା, କୃତ୍ତିକା କନ୍ୟାଙ୍କ ଗର୍ଭରୁ ଜାତ ହୋଇଥିବାରୁ ବେଦପତି ଶିଶୁଟିର ନାମ ରଖିଲେ କାର୍ତ୍ତିକେୟ। ଏ ପ୍ରସଙ୍ଗଟି ଫୁଲ ବଉଳ ବେଣୀରେ ଚିତ୍ରିତ, "ଫଗୁଣ ମାସରେ ହୋଲି ଗୋ ଫୁଲ ବଉଳ ବେଣୀ/ ଫରମାସ କଲେ ବେଦପତି ବ୍ରହ୍ମା/ କୃତ୍ତିକା ସନ୍ତାନ ବୋଲି ଗୋ ଫୁଲ ବଉଳ ବେଣୀ/ ବଣମଲ୍ଲୀ ମହକିଲା ଗୋ ଫୁଲ ବଉଳ ବେଣୀ/ ବିଚାର କରିଲେ ମହାଦେବ ଶିବ/ ଷଡାନନ ନାମ ଦେଲେ ଗୋ ଫୁଲ ବଉଳ ବେଣୀ।" କାର୍ତ୍ତିକେୟ ମୟୂର ବାହାନ ଆରୋହଣ ପୂର୍ବକ ମହାପ୍ରତାପୀ ତାରକାସୁରକୁ ବଧ କଲେ, ଦେବତାମାନଙ୍କ ସେନାପତି ହେଲେ। ଏ କଥାଟି ସ୍ଥାନିତ ଫୁଲ ବଉଳ ବେଣୀରେ, "ମଧୁମାଳତୀର ଚେର ଗୋ ଫୁଲ ବଉଳବେଣୀ/ ମୟୂର ବାହାନ ଚଢିଲେ ଠାକୁର/ ପ୍ରଭୁ କାର୍ତ୍ତିକ ଈଶ୍ୱର ଗୋ ଫୁଲ ବଉଳ ବେଣୀ/ ଫେରିଲେ ଦାନବ ମାରିଗୋ ଫୁଲ ବଉଳ ବେଣୀ।"

କୁମାରୀ ମାନଙ୍କ ବେଶ ପୋଷାକ, ଗହନ ମନର କଥା, ସାମାଜିକତା ଆଦି ନାନାବିଧ ଚିତ୍ର ଫୁଲ ବଉଳ ବେଣୀ ଗୀତରୁ ମିଳେ। ଯେମିତି, " ରଙ୍ଗଣୀ ଫୁଲର ରଙ୍ଗ ଗୋ ଫୁଲ ବଉଳ ବେଣୀ/ ରଙ୍ଗ ଛିଟ ନୂଆ ଶାଢୀ ପିନ୍ଧି ଅଛୁ/ ସେଥିପାଇଁ ଚଙ୍ଗ ଚଙ୍ଗ ଗୋ ଫୁଲ ବଉଳ ବେଣୀ/ ରଙ୍ଗ ଫୁଲ ମାଳ ଗଭାରେ ମଣ୍ଡିଲୁ / କାହା ମନ ନବୁ କିଣି ଗୋ ଫୁଲ ବଉଳ ବେଣୀ/ ସାଧବ ବୋହୁର ପସରା ଆଣିଛୁ/ କୁମାର ପୂଜିବା ପାଇଁ ଗୋ ଫୁଲ ବଉଳ ବେଣୀ/ ହର ଗୌରୀଙ୍କୁ ଆଗ ପୂଜା କରି/ ଓଷା ସାରି ଘରେ ଚାଲ ଗୋ ଫୁଲ ବଉଳ ବେଣୀ।" କୁଆଁର ପୁନେଇଁ ଓଷା ବ୍ରହ୍ମ ମଣ୍ଡଳେ ଖ୍ୟାତ। ଦେବୀ ପାର୍ବତୀ ଏହି ଓଷା କରି ପାଇଥିଲେ ଦ୍ୱିତୀୟ ପୁତ୍ର ଗଜାନନଙ୍କୁ। ରୁକ୍ମଣୀ ପାଇଲେ ସ୍ୱାମୀରୂପେ ବନମାଳିଙ୍କୁ। ମାତଣ୍ଡୀ ଉପାସନା କରି ଭରତଙ୍କୁ, ସୁଭଦ୍ରା ପାଇଲେ ଧନଞ୍ଜୟଙ୍କୁ ପତି ରୂପରେ। ଭକ୍ତିପୁତ ମନରେ କାର୍ତ୍ତିକେୟଙ୍କୁ ପୂଜା କଲେ ମିଳିଯାଏ ଅଷ୍ଟନିଧି। ଏଣୁ କଥିତ ଅଛି, " ଭକତି ରଖି ହୃଦ ଗତେ/ ଓଷା ପୂଜିବ ବିଧିମତେ / ଭକ୍ତିରେ ଶଙ୍ଖ ହୁଳହୁଳି/ ମଣ୍ଡପ ପଡିବ ଉଚ୍ଛୁଳି/ ଶ୍ରୀହରି ଗୌରୀ ସ୍ମରିବ/ କାର୍ତ୍ତିକେୟଙ୍କୁ ପୂଜା ଦେବ"- ପୂର୍ଣ୍ଣ ହେବ ମନସ୍କାମନା।

କୁଆଁର ପୁନେଇଁ ରାତି ଘନେଇ ଆସେ, ଶୋଇଯାଏ ନିଦୁଆ ଜହ୍ନ ନଈସେପାରିରେ। କେବଳ ଶୁଭୁଥାଏ ଗାଁ ଦାଣ୍ଡରୁ, " ହଳଦୀ ରଙ୍ଗର ଫୁଲ ଗୋ ଫୁଲ ବଉଳ ବେଣୀ/ ହରଗୌରୀଙ୍କୁ ଆଗପୂଜା କରି/ ଓଷା ସାରି ଘରେ ଚାଲ ଗୋ ଫୁଲ ବଉଳ ବେଣୀ।" ପୁନଶ୍ଚ ଆରସନକୁ।

# ସମାଜର ଶେଷ ମଣିଷରୁ ରାଷ୍ଟ୍ରଚିନ୍ତା : ଦୀନଦୟାଲ ଉପାଧ୍ୟାୟ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ମଣିଷକୁ କେନ୍ଦ୍ରରେ ରଖିଥିବା ଏକ ଭାରତୀୟ ଚିନ୍ତାଧାରା ଭାରତୀୟ ରାଜନୈତିକ ଚିନ୍ତନର ଇତିହାସରେ କେତେକ ବ୍ୟକ୍ତିତ୍ୱ ଏପରି ଅଛନ୍ତି, ଯାହାଙ୍କ ପ୍ରଭାବ କେବଳ ନିର୍ବାଚନୀ ରାଜନୀତି କିମ୍ବା ଏକ ନିର୍ଦ୍ଦିଷ୍ଟ ସମୟର ଦଳୀୟ ଆଲୋଚନା ମଧ୍ୟରେ ସୀମିତ ରହିନାହିଁ, ସେମାନେ ଭାରତର ରାଷ୍ଟ୍ର, ସମାଜ, ଅର୍ଥନୀତି ଓ ମଣିଷର ସମ୍ପର୍କକୁ ନେଇ ଏକ ବିକଳ୍ପ ଚିନ୍ତାଧାରା ରଖିଯାଇଛନ୍ତି। ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ସେହି ଧାରାର ଜଣେ ପ୍ରମୁଖ ଚିନ୍ତକ ଓ ରାଜନୈତିକ ସଂଗଠକ। ତାଙ୍କ ଜୀବନକାଳ ଦୀର୍ଘ ନଥିଲା, କିନ୍ତୁ ଭାରତୀୟ ରାଜନୈତିକ ଚିନ୍ତାରେ ତାଙ୍କର ଏକାତ୍ମ ମାନବବାଦର ଧାରଣା ଏକ ସ୍ୱତନ୍ତ୍ର ସ୍ଥାନ ନେଇଛି। ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ୧୯୧୬ ମସିହା ସେପ୍ଟେମ୍ବର ୨୫ ତାରିଖରେ ଉତ୍ତର ପ୍ରଦେଶର ମଥୁରା ଜିଲ୍ଲାର ନଗଲା ଚନ୍ଦ୍ରଭାନୁ ଗ୍ରାମରେ ହୋଇଥିଲା। ଶୈଶବରୁ ବ୍ୟକ୍ତିଗତ ଜୀବନର ଅନେକ କଷ୍ଟ ସତ୍ତ୍ୱେ ସେ ଶିକ୍ଷା ପ୍ରତି ଗଭୀର ଆଗ୍ରହ ରଖିଥିଲେ ଏବଂ ପରବର୍ତ୍ତୀ ସମୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଯୋଡି ନିଜର ସାର୍ବଜନୀନ ଜୀବନ ଆରମ୍ଭ କରିଥିଲେ। ତାଙ୍କର ରାଜନୈତିକ ଯାତ୍ରା ଭାରତୀୟ ଜନସଂଘ ସହ ଗଭୀର ଭାବରେ ଜଡିତ ଥିଲା। ସଂଗଠନ ଗଢିବା, କାର୍ଯ୍ୟକର୍ତ୍ତାଙ୍କୁ ଯୋଡିବା ଏବଂ ଦଳର ନୀତିଗତ ଦିଗକୁ ସ୍ପଷ୍ଟ କରିବାରେ ତାଙ୍କ ଭୂମିକା ଉଲ୍ଲେଖନୀୟ ଥିଲା। ୧୯୫୧ରେ ଭାରତୀୟ ଜନସଂଘ ଗଠିତ ହେବା ପରେ ସେ ସଂଗଠନର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇଥିଲେ ଏବଂ ଦଳର ସାଧାରଣ ସମ୍ପାଦକ ଭାବରେ ଦୀର୍ଘ ସମୟ କାର୍ଯ୍ୟ କରିଥିଲେ। ୧୯୬୭ରେ ସେ ଭାରତୀୟ ଜନସଂଘର ଅଧ୍ୟକ୍ଷ ହୋଇଥିଲେ। ତାଙ୍କ ରାଜନୈତିକ ଜୀବନକୁ ବୁଝିବା ପାଇଁ ତାଙ୍କର ଏକାତ୍ମ ମାନବବାଦର ଧାରଣାକୁ ବୁଝିବା ଆବଶ୍ୟକ। ସେହି ଚିନ୍ତାଧାରାର ମୂଳ ପ୍ରଶ୍ନ ଥିଲା - ଭାରତର ବିକାଶର ମାପଦଣ୍ଡ କେବଳ ଉତ୍ପାଦନ, ଆୟ କିମ୍ବା ଭୌତିକ ସମ୍ପଦ ହୋଇପାରିବ କି ? ତାଙ୍କ ଉତ୍ତର ଥିଲା, ମଣିଷକୁ କେବଳ ଅର୍ଥନୈତିକ ଏକକ ଭାବରେ ଦେଖିଲେ ସମାଜ ଓ ରାଷ୍ଟ୍ରର ସମ୍ପୂର୍ଣ୍ଣ ଚିତ୍ର ମିଳିବ ନାହିଁ। ତାଙ୍କ ଚିନ୍ତାରେ ମଣିଷର ଶରୀର, ମନ, ବୁଦ୍ଧି ଓ ଆତ୍ମାର ସମନ୍ୱିତ ବିକାଶକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ଦୃଷ୍ଟିରୁ ତାଙ୍କ ଏକାତ୍ମ ମାନବବାଦ ପଶ୍ଚିମୀ ଉଦାରବାଦ ଓ ସମାଜବାଦର ମଧ୍ୟରେ ଭାରତୀୟ ପରମ୍ପରା ଆଧାରିତ ଏକ ଭିନ୍ନ ଚିନ୍ତାପଥ ପ୍ରସ୍ତୁତ କରିବାର ଚେଷ୍ଟା ଥିଲା। ତାଙ୍କ ମତରେ ବ୍ୟକ୍ତି, ପରିବାର, ସମାଜ, ରାଷ୍ଟ୍ର ଓ ମାନବତା ପରସ୍ପର ବିଚ୍ଛିନ୍ନ ଏକକ ନୁହନ୍ତି, ସେମାନଙ୍କ ମଧ୍ୟରେ ଏକ ସ୍ୱାଭାବିକ ସମ୍ପର୍କ ରହିଛି। ଏହି ସମ୍ପର୍କକୁ ବୁଝିବା ବିନା ବିକାଶର ଏକପାଖିଆ ମଡେଲ୍ ସମାଜର ସମସ୍ତ ଆବଶ୍ୟକତା ପୂରଣ କରିପାରିବ ନାହିଁ -ଏହା ଥିଲା ତାଙ୍କ ଚିନ୍ତାର ଏକ ମୁଖ୍ୟ ଦିଗ। ଦୀନଦୟାଲ ଉପାଧ୍ୟାୟଙ୍କ ଅର୍ଥନୈତିକ ଚିନ୍ତାରେ ମଧ୍ୟ ମଣିଷ ଓ ସମାଜର ଆବଶ୍ୟକତା କେନ୍ଦ୍ର ସ୍ଥାନରେ ଥିଲା। ସେ ଏପରି ବିକାଶ ଚାହୁଁଥିଲେ ଦେଶର ସାଧାରଣ ଲୋକ ଉତ୍ପାଦନ ପ୍ରକ୍ରିୟାର ଅଂଶୀଦାର ହେବେ ଏବଂ ଅର୍ଥନୈତିକ ସୁଯୋଗ କେବଳ ଅଂଚଳ କିମ୍ବା ଶ୍ରେଣୀରେ ସୀମିତ ରହିବ ନାହିଁ। ତାଙ୍କ ଚିନ୍ତାଧାରାରେ ବିକେନ୍ଦ୍ରୀକରଣ, ସ୍ୱାବଲମ୍ବନ, ସ୍ଥାନୀୟ ସମ୍ପଦର ବ୍ୟବହାର ଓ ଗ୍ରାମୀଣ ଅର୍ଥନୀତିର ଗୁରୁତ୍ୱ ଦେଖିବାକୁ ମିଳେ। ଆଜି ଯେତେବେଳେ ଭାରତ ଗ୍ରାମୀଣ ଅର୍ଥନୀତି, ସ୍ଥାନୀୟ ଉତ୍ପାଦନ, କ୍ଷୁଦ୍ର ଉଦ୍ୟମ, ଆତ୍ମନିର୍ଭରତା ଓ ସମାବେଶୀ ବିକାଶ ନେଇ ଆଲୋଚନା କରୁଛି, ସେତେବେଳେ ଦୀନଦୟାଲଙ୍କ ଅର୍ଥନୈତିକ ଚିନ୍ତାକୁ ଐତିହାସିକ ପରିପ୍ରେକ୍ଷୀରେ ପଢିବା ଆକର୍ଷଣୀୟ ହୋଇଥାଏ। କିନ୍ତୁ ଏହା ସହିତ ଏକ ସଚେତନତା ମଧ୍ୟ ଆବଶ୍ୟକ-ଆଜିର ଜଟିଳ ବିଶ୍ୱ ଅର୍ଥନୀତିକୁ କେବଳ ଅତୀତର ଗୋଟିଏ ଚିନ୍ତାଧାରା ଦ୍ୱାରା ବୁଝିହେବ ନାହିଁ। ପ୍ରତ୍ୟେକ ଚିନ୍ତାକୁ ସମୟ, ପରିସ୍ଥିତି ଓ ଆଧୁନିକ ଆବଶ୍ୟକତାର ଆଲୋକରେ ପରୀକ୍ଷା କରିବା ହିଁ ବୌଦ୍ଧିକ ସତ୍ୟନିଷ୍ଠା। ଦୀନଦୟାଲ ଉପାଧ୍ୟାୟଙ୍କ ଚିନ୍ତାର ଅନ୍ୟତମ ଚର୍ଚ୍ଚିତ ଦିଗ ହେଉଛି ଅନ୍ତ୍ୟୋଦୟ। ସମାଜର ସବୁଠାରୁ ପଛରେ ଥିବା ମଣିଷ ପର୍ଯ୍ୟନ୍ତ ବିକାଶର ସୁଫଳ ପହଂଚିବା ଉଚିତ- ଏହି ଧାରଣାକୁ ସେ ଗୁରୁତ୍ୱ ଦେଇଥିଲେ। ଗଣତନ୍ତ୍ରର ସଫଳତା କେବଳ ବଡ ସହରର ଉନ୍ନତିରେ ନୁହେଁ, ଦୂର ଗ୍ରାମର ଗରିବ ପରିବାର, କ୍ଷୁଦ୍ର ଚାଷୀ, ଶ୍ରମିକ, ଦୁର୍ବଳ ଓ ସୁଯୋଗରୁ ବଂଚିତ ନାଗରିକଙ୍କ ଜୀବନରେ ପରିବର୍ତ୍ତନ ଆସିଲେ ହିଁ ବିକାଶର ଅର୍ଥ ସାର୍ଥକ ହୁଏ-ଏହି ଧାରଣା ଆଜି ମଧ୍ୟ ସାମାଜିକ ନୀତି ଆଲୋଚନାରେ ପ୍ରାସଙ୍ଗିକ। ତଥାପି ଅନ୍ତ୍ୟୋଦୟକୁ କେବଳ ଏକ ରାଜନୈତିକ ସ୍ଲୋଗାନରେ ସୀମିତ କରିଦେଲେ ତାହାର ମୂଳ ଅର୍ଥ କ୍ଷୀଣ ହୋଇଯାଏ। ଏହାର ପ୍ରକୃତ ପରୀକ୍ଷା ହେଉଛି - ସାଧାରଣ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ଆବାସ, ପାନୀୟ ଜଳ, ପୋଷଣ ଓ ସାମାଜିକ ସମ୍ମାନ କେତେ ବଢୁଛି। ଦୀନଦୟାଲଙ୍କ ଜୀବନର ଆଉ ଏକ ଉଲ୍ଲେଖନୀୟ ଦିଗ ଥିଲା ସଂଗଠନ ନିର୍ମାଣ। ସେ ନିଜକୁ କେବଳ ଜଣେ ଭାଷଣକାରୀ କିମ୍ବା ନିର୍ବାଚନୀ ନେତା ଭାବରେ ନୁହେଁ, ବରଂ ଦୀର୍ଘମିଆଦି ସଂଗଠନ ଗଢିବାର ଜଣେ କର୍ମୀ ଭାବେ ପ୍ରତିଷ୍ଠିତ କରିଥିଲେ। ଭାରତୀୟ ଜନସଂଘର ପ୍ରାରମ୍ଭିକ ସଂଗଠନ ବିସ୍ତାରରେ ତାଙ୍କ ଭୂମିକା ଐତିହାସିକ ଭାବେ ଉଲ୍ଲେଖନୀୟ। ତାଙ୍କ ରଚନା ଓ ଭାଷଣରେ ଭାରତୀୟ ସଂସ୍କୃତି, ରାଷ୍ଟ୍ରଜୀବନ, ସମାଜ ଓ ଅର୍ଥନୀତିକୁ ନେଇ ନିଜସ୍ୱ ଦୃଷ୍ଟିକୋଣ ପ୍ରକାଶ ପାଇଥିଲା। ତାଙ୍କ ଚିନ୍ତାଧାରା ସମ୍ପର୍କରେ ସମର୍ଥକମାନେ ଏହାକୁ ଭାରତୀୟ ପରମ୍ପରା ସହ ସମ୍ପର୍କିତ ଏକ ସ୍ୱଦେଶୀ ରାଜନୈତିକ ଦର୍ଶନ ଭାବେ ଦେଖନ୍ତି, ଅନ୍ୟପଟେ ସମାଲୋଚକମାନେ ତାଙ୍କ ରାଷ୍ଟ୍ର ଓ ସାଂସ୍କୃତିକ ଚିନ୍ତାର କେତେକ ଦିଗକୁ ପ୍ରଶ୍ନ କରିଛନ୍ତି। ଏହି ଦୁଇ ଦୃଷ୍ଟିକୋଣକୁ ବୁଝିବା ବିନା ତାଙ୍କ ଐତିହାସିକ ଭୂମିକାର ସମ୍ପୂର୍ଣ୍ଣ ମୂଲ୍ୟାୟନ ସମ୍ଭବ ନୁହେଁ। ଗଣତାନ୍ତ୍ରିକ ସମାଜରେ କୌଣସି ଚିନ୍ତକଙ୍କୁ ବୁଝିବାର ଅର୍ଥ ତାଙ୍କ ପ୍ରତ୍ୟେକ ଧାରଣାକୁ ନିର୍ବିଚାରରେ ଗ୍ରହଣ କରିବା ନୁହେଁ, ବରଂ ତାଙ୍କ ଧାରଣାର ଉତ୍ପତ୍ତି, ଲକ୍ଷ୍ୟ, ପ୍ରଭାବ ଓ ସୀମାକୁ ଏକାସାଙ୍ଗରେ ଅଧ୍ୟୟନ କରିବା। ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନରେ ଅନ୍ତିମ ଅଧ୍ୟାୟ ଅତ୍ୟନ୍ତ ଦୁଃଖଦ ଥିଲା। ୧୯୬୮ ମସିହା ଫେବୃୟାରୀ ୧୧ ତାରିଖରେ ମୁଗଲସରାଇ ନିକଟରେ ତାଙ୍କ ମୃତଦେହ ମିଳିଥିଲା। ତାଙ୍କ ମୃତ୍ୟୁ ପରିସ୍ଥିତି ଦୀର୍ଘ ସମୟ ଧରି ଚର୍ଚ୍ଚା ଓ ତଦନ୍ତର ବିଷୟ ହୋଇରହିଛି। ତାଙ୍କ ଅକାଳ ମୃତ୍ୟୁ ଭାରତୀୟ ଜନସଂଘ ପାଇଁ ଏକ ବଡ ଶୂନ୍ୟତା ସୃଷ୍ଟି କରିଥିଲା। ଆଜି ତାଙ୍କ ନାମ ଭାରତୀୟ ରାଜନୈତିକ ପରିସରରେ ବ୍ୟାପକ ଭାବେ ଉଚ୍ଚାରିତ ହୁଏ। ତାଙ୍କ ଜନ୍ମଦିନକୁ ଅନ୍ତ୍ୟୋଦୟ ଦିବସ ଭାବେ ପାଳନ କରାଯିବାର ପରମ୍ପରା ମଧ୍ୟ ରହିଛି। ତାଙ୍କ ନାମରେ ବିଭିନ୍ନ ସଂସ୍ଥା, ଯୋଜନା ଓ ଗବେଷଣା କାର୍ଯ୍ୟକ୍ରମ ଚାଲୁଛି। ଏହା ତାଙ୍କ ଚିନ୍ତାର ଆଧୁନିକ ରାଜନୈତିକ ପ୍ରଭାବକୁ ପ୍ରକାଶ କରେ। କିନ୍ତୁ ତାଙ୍କ ଉତ୍ତରାଧିକାରଙ୍କୁ କେବଳ ନାମକରଣ, ଉତ୍ସବ କିମ୍ବା ରାଜନୈତିକ ଉଦ୍ଧୃତିରେ ସୀମିତ ରଖିବା ତାଙ୍କ ଚିନ୍ତାକୁ ଛୋଟ କରିଦେବ। ଯଦି ଏକାତ୍ମ ମାନବବାଦର ଅର୍ଥ ମଣିଷର ସମଗ୍ର ବିକାଶ, ତେବେ ତାହାର ପରୀକ୍ଷା ହେବ। ଦେଶର ସବୁଠାରୁ ଦୁର୍ବଳ ନାଗରିକଙ୍କ ଜୀବନରେ। ଯଦି ଅନ୍ତ୍ୟୋଦୟର ଅର୍ଥ ଶେଷ ଧାଡିର ମଣିଷ ପର୍ଯ୍ୟନ୍ତ ବିକାଶ ପହଂଚାଇବା, ତେବେ ତାହାର ପରୀକ୍ଷା ହେବ ସେହି ମଣିଷର ଘରେ ଶିକ୍ଷା, ରୋଜଗାର, ସ୍ୱାସ୍ଥ୍ୟ ଓ ସମ୍ମାନ ପହଂଚିଛି କି ନାହିଁ। ଏବଂ ଯଦି ସ୍ୱାବଲମ୍ବନର ଅର୍ଥ ଦେଶର ନିଜସ୍ୱ କ୍ଷମତାକୁ ଶକ୍ତିଶାଳୀ କରିବା, ତେବେ ତାହାର ପରୀକ୍ଷା ହେବ ଭାରତ କିପରି ଜ୍ଞାନ, ଶିକ୍ଷ, କୃଷି, ବିଜ୍ଞାନ ଓ ପ୍ରଯୁକ୍ତିରେ ନିଜର କ୍ଷମତା ବଢାଉଛି। ଏହି ଦୃଷ୍ଟିରୁ ଦୀନଦୟାଲ ଉପାଧ୍ୟାୟଙ୍କୁ ମନେ ପକାଇବା ମାନେ କେବଳ ଜଣେ ରାଜନୈତିକ ବ୍ୟକ୍ତିଙ୍କୁ ସ୍ମରଣ କରିବା ନୁହେଁ, ବରଂ ଭାରତ କେଉଁ ପ୍ରକାରର ବିକାଶ ଚାହେଁ, ବିକାଶର କେନ୍ଦ୍ରରେ କିଏ ରହିବେ ଏବଂ ରାଷ୍ଟ୍ରର ଶେଷ ଲକ୍ଷ୍ୟ କଣ ହେବ - ଏହି ମୌଳିକ ପ୍ରଶ୍ନଗୁଡିକୁ ପୁଣିଥରେ ଚର୍ଚ୍ଚାରେ ଆସିବ। ତାଙ୍କ ଚିନ୍ତା ସହ ସମ୍ମତି ଥାଉ କିମ୍ବା ମତଭେଦ, ତାହାକୁ ପଢିବା, ବୁଝିବା ଓ ତର୍କର ଆଲୋକରେ ପରୀକ୍ଷା କରିବା ଭାରତୀ ଗଣତନ୍ତ୍ରର ବୌଦ୍ଧିକ ପରମ୍ପରାକୁ ସମୃଦ୍ଧ କରିଥାଏ। ଆଜିର ଭାରତ ଯେତେବେଳେ ଦ୍ରୁତ ଅର୍ଥନୈତିକ ବିକାଶ, ପ୍ରଯୁକ୍ତିଗତ ଅଗ୍ରଗତି, ସାମାଜିକ ନ୍ୟାୟ ଓ ସମାବେଶୀ ଉନ୍ନତିର ମଧ୍ୟରେ ସନ୍ତୁଳନ ଖୋଜୁଛି, ସେତେବେଳେ ଦୀନଦୟାଲ ଉପାଧ୍ୟାୟଙ୍କ ମଣିଷକେନ୍ଦ୍ରିକ ଚିନ୍ତାକୁ ଐତିହାସିକ ଦଲିଲ ଭାବେ ଅଧ୍ୟୟନ କରିବାର ଗୁରୁତ୍ୱ ରହିଛି। ଶେଷରେ ତାଙ୍କ ଉତରାଧିକାରର ସବୁଠାରୁ ବଡ ପ୍ରଶ୍ନ ହେଉଛି - ରାଷ୍ଟ୍ରର ପ୍ରଗତିର ଆଲୋକ ସମାଜର ଶେଷ ମଣିଷ ପର୍ଯ୍ୟନ୍ତ ପହଂଚୁଛି କି ଏହି ପ୍ରଶ୍ନର ଉତ୍ତର ଯେତେ ଦୃଢ ହେବ, ଅନ୍ତ୍ୟୋଦୟର ଧାରଣା ସେତେ ଅର୍ଥପୂର୍ଣ୍ଣ ହେବ। ଦୀନଦୟାଲ ଉପାଧ୍ୟାୟଙ୍କ ସ୍ମୃତି ତେଣୁ କେବଳ ଅତୀତର ଏକ ଅଧ୍ୟାୟ ନୁହେଁ, ଏହା ଭାରତୀୟ ସମାଜକୁ ନିଜର ବିକାଶର ଲକ୍ଷ୍ୟ, ନିଜର ଦୁର୍ବଳ ନାଗରିକଙ୍କ ସ୍ଥାନ ଏବଂ ମଣିଷର ସମଗ୍ର ମର୍ଯ୍ୟାଦା ସମ୍ପର୍କରେ ନିରନ୍ତର ପ୍ରଶ୍ନ କରିବାର ଏକ ଅବସର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# କ୍ରିକେଟ ଜଗତରେ ଶୋକର ଛାୟା : ୧୮ବର୍ଷ ବୟସରେ ବାଂଲାଦେଶ ଖେଳାଳିଙ୍କ ପରଲୋକ



**ନୂଆଦିଲ୍ଲୀ**

ବାଂଲାଦେଶରୁ କ୍ରିକେଟ ଜଗତ ଲାଗି ବଡ଼ ଦୁଃଖଦ ଖବର ସାମ୍ନାକୁ ଆସିଛି। ଯୁବ କ୍ରିକେଟର ମେହଦୀ ହସନଙ୍କ ହୃଦ୍‌ଘାତରେ ନିଧନ ହୋଇଛି। ବାଂଲାଦେଶ କ୍ରିକେଟ ବୋର୍ଡ଼ ଏହାର ସୂଚନା ସୋସିଆଲ ମିଡ଼ିଆ ମାଧ୍ୟମରେ ସେୟାର କରିଛି। କିଛି ଦିନ ପୂର୍ବରୁ ଆଫଗାନିସ୍ତାନର ପୂର୍ବତନ ଦ୍ରୁତ ବୋଲର ଶାପୁର ଜାଦରାନ ଅସୁସ୍ଥତା କାରଣରୁ ଜୀବନ ହାରିଦେଇଥିଲେ। ଏବେ ପୁଣି ଥରେ କ୍ରିକେଟ ଜଗତରେ ଦୁଃଖର ମାହୋଲ ଖେଳିଯାଇଛି। ବାଂଲାଦେଶ ବୋର୍ଡ଼ ରିଲିଜରେ କହିଛି କି ହୃଦୟ ଚାଟୋଗ୍ରାମ ଡିଭିଜନ ଅଣ୍ଡର-୧୮ ଟିମର ପ୍ରତିନିଧିତ୍ୱ କରି ସାରିଥିଲେ। ସେ ଜଣେ ଦ୍ରୁତ ବୋଲର ଥିଲେ। କିଛି ଗଣମାଧ୍ୟମ ରିପୋର୍ଟ୍ସରେ ତାଙ୍କ ବୟସ ୧୮ ବର୍ଷ କୁହାଯାଇଥିଲା। ସେ ଲ୍ୟୁକେମିଆ ରୋଗରେ ପୀଡ଼ିତ ଥିଲେ। ସୋସିଆଲ ମିଡ଼ିଆରେ ଜାରି କରାଯାଇଥିବା ରିଲିଜରେ ଲେଖାଯାଇଥିଲା କି, ବାଂଲାଦେଶ କ୍ରିକେଟ ବୋର୍ଡ଼ ଯୁବ କ୍ରିକେଟର ମେହଦୀ ହସନ ହୃଦୟଙ୍କ ନିଧନ ଉପରେ ଗଭୀର ଦୁଃଖ ବ୍ୟକ୍ତ କରିଛନ୍ତି। ଲ୍ୟୁକେମିଆ ସହ ଲଢ଼ିବା ପରେ ଢାକାରେ ତାଙ୍କର ଦେହାନ୍ତ ହୋଇଛି। ଆହୁରି ଲେଖାଯାଇଛି, 'ହୃଦୟ ଚଟ୍ଟୋଗ୍ରାମ ଡିଭିଜନର ଅଣ୍ଡର-୧୮ ଟିମ୍‌ର ପ୍ରତିନିଧିତ୍ୱ କରୁଥିଲେ ଏବଂ ତାଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସହ ଜଣେ ପ୍ରତିଶ୍ରୁତିବଦ୍ଧ ବାମହାତୀ ଦ୍ରୁତ ବୋଲର ଭାବରେ ଦେଖାଯାଉଥିଲା। ଏହି କଷ୍ଟକର ସମୟରେ ହୃଦୟଙ୍କ ପରିବାର ଏବଂ ପ୍ରିୟଜନଙ୍କ ପ୍ରତି ବିସିବି ଗଭୀର ସମବେଦନା ଜଣାଇଛି। ତାଙ୍କ ଆତ୍ମାକୁ ଶାନ୍ତି ମିଳୁ ଏବଂ ତାଙ୍କ ପରିବାରକୁ ଏହି ଦୁଃଖର ମୁହୂର୍ତ୍ତରେ ଶକ୍ତି ଏବଂ ସାନ୍ତ୍ୱନା ମିଳୁ।'

## ହରମନ୍‌ପ୍ରୀତ୍ କୌର୍ ଏବଂ ଉପଅଧିନାୟକ ଦୀପ୍ତି ଶର୍ମାଙ୍କ ଶତକୀୟ ଇନିଂସ୍

# ଜିମ୍ବାୱେକୁ ୧୨୧ ରନ୍‌ରେ ହରାଇଲା ଭାରତୀୟ ମହିଳା ଦଳ

**ଭଦୋଦରା**

ଗୁଜରାଟର ଭଦୋଦରାରେ ଜିମ୍ବାୱେ ବିପକ୍ଷରେ ଭାରତୀୟ ମହିଳା ଟିମ୍ ଦମ୍‌ଦାର ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ମୁକାବିଲାରେ ଭାରତୀୟ ମହିଳା ଟିମ୍ ଜିମ୍ବାୱେକୁ ୩୨୯ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଦଳର ବୋଲରମାନେ ଆକ୍ରମଣାତ୍ମକ ବୋଲିଂ କରି ଅତିଥି ଖେଳାଳିମାନଙ୍କୁ ଲକ୍ଷ୍ୟ ପୂରା ହେବାକୁ ଦେଇ ନଥିଲେ। ଜିମ୍ବାୱେ ୪୮.୫ ଓଭରରେ ସମସ୍ତ ୱିକେଟ ହରାଇ ୨୦୭ ରନ୍ ସଂଗ୍ରହ କରି ପାରିଥିଲା। ଫଳରେ ୧୨୧ ରନ୍‌ରେ ପରାସ୍ତ ହୋଇଥିଲା।

ଜିମ୍ବାୱେ ପାଇଁ ମୋଡେଷ୍ଟର ମୁପାଚିକୱା ସର୍ବାଧିକ ୪୯ ରନ୍ ସଂଗ୍ରହ କରିଥିଲେ। ଚିପୋ ମୁଗେରି ତିରିପାନୋ ୪୬, ବିଲଭଡ ବିଜା ୩୪, ଜୋସେଫିନ ଆନକୋମୋ ୨୦, ନ୍ୟାସା ଗ୍ୱାନଜୁରା ୨୦ ରନ୍ କରିଥିଲେ। ଅନ୍ୟ ଖେଳାଳିମାନଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଭାରତ ପାଇଁ ବୈଷ୍ଣବୀ ଶର୍ମା ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ଦୀପ୍ତି ଶର୍ମାଙ୍କୁ ୩ଟି ୱିକେଟ୍ ମିଳିଥିଲା। ଶାୟାଲି ସତଘରେ, ଜିନ୍ତିମଣି କଲିତା ଏବଂ ଶ୍ରୀ ଚରଣୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।



ଅଧିନାୟକ ପଦ ଛାଡ଼ିବା ପରେ ପୁଣି ଥରେ ହରମନପ୍ରୀତ କୌର ଟିମ୍‌କୁ ସଂକଟ ଭିତରୁ ଭାରତକୁ ବାହାର କରି ବଡ଼ ଇନିଂସ ଖେଳିଥିଲେ। ଅଧିନାୟକ ସ୍ମୃତି ମନ୍ଧାନା ଏବଂ ଶେଫାଳି ବର୍ମା ଶସ୍ତାରେ ଆଉଟ୍ ହେଲା ପରେ ଟିମ୍ ୧୯ ରନ୍ ସଂଗ୍ରହ କରିଥିଲା। ଭାରତ ୨ଟି ୱିକେଟ୍ ହରାଇଲା ପରେ ସଂକଟ ପରିସ୍ଥିତି ଦେଇ ଗତି କରୁଥିଲା। ଏହି ଭଳି ଏକ ବିପଦ ସମୟରେ ପୂର୍ବତନ ଅଧିନାୟକ ହରମନପ୍ରୀତ କୌର ଏବଂ ଉପଅଧିନାୟକ ଦୀପ୍ତି ଶର୍ମା କ୍ରିଜ୍‌ର ଦାୟିତ୍ୱ ନେଇଥିଲେ। ଅଢ଼ୁଆ ସମୟରେ ହରମନପ୍ରୀତ କୌର ଏବଂ ଉପଅଧିନାୟକ ଦୀପ୍ତି ଶର୍ମା ଶତକୀୟ ଇନିଂସ ଖେଳିଥିଲେ।

ହରମନପ୍ରୀତ କୌର ନିଜ କ୍ୟାରିୟରର ଅଷ୍ଟମ ଶତକ ସହିତ ମହିଳା ଦିନିକିଆରେ ଭାରତ ପାଇଁ ଦ୍ୱିତୀୟ ସର୍ବାଧିକ ଶତକ ରେକର୍ଡ ନିଜ ନାମରେ କରିଥିଲେ। ପ୍ରାରମ୍ଭିକ ଝଟ୍‌କା ପରେ ହରମନପ୍ରୀତ କୌର ପ୍ରତିକା ରାଓଲ (୬୧ ରନ୍)ଙ୍କ ସହିତ ୧୨୪ ରନ୍‌ର ଜବରଦସ୍ତ ଭାଗିଦାରୀ କରିଥିଲେ। ପ୍ରତୀକା ଏବଂ ଜେଲ ହସନଭୀସଙ୍କ ଆଉଟ୍ ହେଲା ପରେ ହରମନପ୍ରୀତ ମୋର୍ଚ୍ଚା ସମ୍ଭାଳି ଥିଲେ ଏବଂ ଉପଅଧିନାୟକ ଦୀପ୍ତି ଶର୍ମାଙ୍କ ସହିତ ମିଶି ଆଉ ଏକ ଶତକୀୟ ଭାଗିଦାରୀ କରିଥିଲେ। ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ୍ ହରାଇ ୩୨୮ ରନ୍‌ର ବିଶାଳ ସ୍କୋର କରିଛି।

# ସରିଲା ପାରା ଏସିଆଡ : ଚୀନ୍ ଚାମ୍ପିଅନ୍, ଚତୁର୍ଥରେ ଭାରତ



**ନୂଆଦିଲ୍ଲୀ**

ଜାପାନରେ ଆୟୋଜିତ ପଞ୍ଚମ ପାରା ଏସିଆଡ୍ ଉଦ୍‌ଯାପିତ ହୋଇଯାଇଛି। ଚୀନ ମୋଟ ୪୩୫ଟି ପଦକ ସହ ଚାମ୍ପିଅନ୍ ହୋଇଥିବାବେଳେ ଜାପାନ ୧୮୬ଟି ପଦକ ସହ ଦ୍ୱିତୀୟ ଓ ଉଜବେକିସ୍ତାନ ୧୪୫ଟି ପଦକ ସହ ତୃତୀୟ ସ୍ଥାନରେ ରହିଥିଲା। ଭାରତ ରେକର୍ଡ ୧୧୪ଟି ପଦକ ସହ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ସେଥିମଧ୍ୟରେ ୩୦ଟି ସ୍ୱର୍ଣ୍ଣ, ୩୫ଟି ରୌପ୍ୟ, ୪୯ଟି ବ୍ରୋଞ୍ଜ ପଦକ ସାମିଲ ରହିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ୍ ମିଡିଆରେ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ମିଜୁହୋ ପାର୍କ ଆଥଲେଟିକ୍ସ ଷ୍ଟାଡିୟମରେ ଆଜି ରଙ୍ଗାରଙ୍ଗ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସିଆନ୍ ପାରାଲିମ୍ପିକ୍ କମିଟି ସଭାପତି ମାଜିଦ ରଶିଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଯାପନୀ ଘୋଷଣା କରିଥିଲେ। ଏହି ଅବସରରେ ଦୋହାର ପ୍ରତିନିଧି ଦଳଙ୍କୁ ପତାକା ପ୍ରଦାନ କରାଯାଇଥିଲା। ଆଗାମୀ ୨୦୩୦ ସଂସ୍କରଣ ଦୋହାରେ ଆୟୋଜିତ ହେବ। ଉଦ୍‌ଯାପନୀ ଉତ୍ସବରେ ଡବଲ୍ ସ୍ୱର୍ଣ୍ଣ ବିଜେତା ନିଶଦ କୁମାର ଓ ମୋନା ଅଗରୱାଲ ପତାକା ଧରିବା ସହ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ପୂର୍ବଭଳି ଏଥର ମଧ୍ୟ ଚୀନର ଆଧିପତ୍ୟ ଦେଖିବାକୁ ମିଳିଥିଲା। ଦଳ ସର୍ବାଧିକ ୨୦୭ଟି ସ୍ୱର୍ଣ୍ଣ ସହ ୧୧୭ଟି ରୌପ୍ୟ ଓ ୧୧୧ଟି ବ୍ରୋଞ୍ଜ ଜିତିବାରେ ସଫଳ ହୋଇଥିଲା।

ଭାରତରୁ ଏଥର ୧୬୮ଜଣିଆ ଦଳ ଭାଗ ନେଇ ମୋଟ ୧୧୪ଟି ପଦକ ଜିତିଥିଲେ। ୨୦୨୨ ଏସିଆଡ୍ ତୁଳନାରେ ଭାରତ ଅଧିକ ୬ଟି ପଦକ ଜିତିବାରେ ସଫଳ ହୋଇଥିଲା। ଗତ ସଂସ୍କରଣରେ ଦଳ ୧୦୮ଟି ପଦକ ଜିତିଥିଲା। ପାରା ଆଥଲେଟିକ୍ସରେ ଏଥର ଭାରତ ୬୫ଟି ପଦକ ହାସଲ କରିଥିଲା। ସେଥିମଧ୍ୟରେ ୨୨ଟି ସ୍ୱର୍ଣ୍ଣ, ୧୯ଟି ରୌପ୍ୟ ଓ ୨୪ଟି ବ୍ରୋଞ୍ଜ ରହିଥିଲା। ସେହିପରି ବ୍ୟାଡ଼ମିଣ୍ଟନ କ୍ରୀଡ଼ାରେ ଭାରତୀୟ ପ୍ରତିଯୋଗୀ ୧୬ଟି (୩ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ, ୮ଟି ବ୍ରୋଞ୍ଜ), ସୁଇମିଂରେ ୧୧ଟି, ଟେବୁଲ ଟେନିସ୍‌ରେ ୭ଟି, ତୀରନ୍ଦାଜୀରେ ୬ଟି ଓ ସୁଟିଂରେ ୫ଟି ପଦକ ଜିତିଥିଲେ।

# ଅଜିଙ୍କ୍ୟ ରହାଣେ ଚୟନ କଲେ ଅଲ୍‌ଟାଇମ୍ ଟେଷ୍ଟ ଇଲେଭେନ୍ : କୋହଲି ଆଉଟ୍, ଧୋନୀ ଇନ୍

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟର ଅଜିଙ୍କ୍ୟ ରହାଣେ ନିଜର ଅଲ୍‌ଟାଇମ୍ ଇଣ୍ଡିଆ ଟେଷ୍ଟ ଇଲେଭେନ୍ ଚୟନ କରିଛନ୍ତି। କିନ୍ତୁ ତାଙ୍କ ଦଳରେ ଦୁଇଟି ବଡ଼ ନାମର ଅନୁପସ୍ଥିତି କ୍ରିକେଟ ପ୍ରଶଂସକଙ୍କୁ ଚକିତ କରିଦେଇଛି। ବିରାଟ କୋହଲି ଏବଂ ଜସପ୍ରୀତ ବୁମ୍‌ରାଙ୍କୁ ସ୍ଥାନ ମିଳିନଥିବାରୁ ବର୍ତ୍ତମାନ ଏହି ଚୟନ ଉପରେ ପ୍ରଶ୍ନ ଉଠୁଛି। ବିଶେଷ କଥା ହେଉଛି ରହାଣେ ନିଜ ସହ ଡ୍ରେସିଂ ରୁମ୍ ସେୟାର କରିଥିବା ଖେଳାଳିମାନଙ୍କ ମଧ୍ୟରୁ ହିଁ ଏହି ଦଳ ଚୟନ କରିଛନ୍ତି।

ଅଜିଙ୍କ୍ୟ ରହାଣେ ନିଜ କ୍ୟାରିୟରରେ ଭାରତୀୟ ଟେଷ୍ଟ ଦଳର ଅନେକ ପର୍ଯ୍ୟାୟ ଦେଖିଛନ୍ତି। ସେ ସଚିନ ତେନ୍ଦୁଲକରଙ୍କ ଭଳି ଦିଗ୍ଗଜଙ୍କ ସହ ଖେଳିଛନ୍ତି ଏବଂ ଚେତେଶ୍ୱର ପୂଜାରାଙ୍କ ସହ ମିଶି ଟେଷ୍ଟ କ୍ରିକେଟରେ ଭାରତର ବ୍ୟାଟିଂ ବାହିନୀକୁ ମଜଭୁତ କରିଛନ୍ତି। ହେଲେ ତାଙ୍କ ଦ୍ୱାରା ଚୟନ ହୋଇଥିବା ଦଳରେ କୋହଲି ଓ ବୁମ୍‌ରାଙ୍କ ନାମ ନଥିବା ସବୁଠାରୁ ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି।



ଅଜିଙ୍କ୍ୟ ରହାଣେଙ୍କ ଦଳରେ ମୁରଲୀ ବିଜୟ ଏବଂ ଶିଖର ଧୱନଙ୍କୁ ଓପନର୍ ଭାବେ ଦାୟିତ୍ୱ ମିଳିଛି। ତୃତୀୟ ସ୍ଥାନରେ ରାହୁଲ ଦ୍ରାବିଡ଼ ଏବଂ ଚତୁର୍ଥ ସ୍ଥାନରେ ସଚିନ ତେନ୍ଦୁଲକରଙ୍କୁ ରଖାଯାଇଛି। ରହାଣେ ନିଜକୁ ପଞ୍ଚମ ସ୍ଥାନ ପାଇଁ ଚୟନ କରିଛନ୍ତି। ୱିକେଟ୍ କିପର ଏବଂ ଅଧିନାୟକ ଭୂମିକା ମହେନ୍ଦ୍ର ସିଂ ଧୋନିଙ୍କୁ ହସ୍ତାନ୍ତର କରାଯାଇଛି। ସ୍ପିନ୍ ବିଭାଗରେ ରବିଚନ୍ଦ୍ରନ ଅଶ୍ୱିନ ଏବଂ ରବୀନ୍ଦ୍ର ଜାଡେଜା ସାମିଲ ଅଛନ୍ତି, ଯେତେବେଳେ କି ଦ୍ରୁତ ବୋଲିଂ ଦାୟିତ୍ୱ ଭୁବନେଶ୍ୱର କୁମାର, ମହମ୍ମଦ ଶାମି ଓ ଇଶାନ୍ତ ଶର୍ମାଙ୍କୁ ଦିଆଯାଇଛି।

ବିରାଟ କୋହଲିଙ୍କୁ ଦଳରେ ସ୍ଥାନ ନମିଳିବାର ଗୋଟିଏ ପ୍ରମୁଖ କାରଣ ବ୍ୟାଟିଂ କ୍ରମ ହୋଇପାରେ। ଅଜିଙ୍କ୍ୟ ରହାଣେ ଚତୁର୍ଥ ସ୍ଥାନ ପାଇଁ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ଚୟନ କରିଛନ୍ତି, ଯେତେବେଳେ କି 'କିଙ୍ଗ କୋହଲି' ମଧ୍ୟ ଟେଷ୍ଟ କ୍ରିକେଟରେ ଏହି କ୍ରମରେ ହିଁ ବ୍ୟାଟିଂ କରନ୍ତି। ହେଲେ ଏହି ଚୟନ ପଛର କୌଣସି ନିର୍ଦ୍ଦିଷ୍ଟ କାରଣ ରହାଣେଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ।

ଅନ୍ୟପଟେ ଯଶପ୍ରିତ ବୁମ୍‌ରାଙ୍କୁ ଦଳରୁ ବାଦ୍ ଦେବା ମଧ୍ୟ ଏକ ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ବୋଲି ଧରାଯାଉଛି। ନିଜର ଦ୍ରୁତ ଗତି ଓ ସଠିକ୍ ବୋଲିଂ ବଳରେ ସେ ଟେଷ୍ଟ କ୍ରିକେଟରେ ଭାରତକୁ ଅନେକ ସ୍ମରଣୀୟ ବିଜୟ ଭେଟି ଦେଇଛନ୍ତି। ଏହା ସତ୍ତ୍ୱେ ଅଜିଙ୍କ୍ୟ ରହାଣେ ଦ୍ରୁତ ବୋଲିଂ ବାହିନୀ ପାଇଁ ଭୁବନେଶ୍ୱର କୁମାର, ମହମ୍ମଦ ଶାମି ଓ ଇଶାନ୍ତ ଶର୍ମାଙ୍କୁ ହିଁ ଚୟନ କରିଛନ୍ତି।

ଅଜିଙ୍କ୍ୟ ରହାଣେଙ୍କ ଅଲ୍‌ଟାଇମ୍ ଇଣ୍ଡିଆ ଟେଷ୍ଟ ଇଲେଭନ : ମୁରଲୀ ବିଜୟ, ଶିଖର ଧୱନ, ରାହୁଲ ଦ୍ରାବିଡ଼, ସଚିନ ତେନ୍ଦୁଲକର, ଅଜିଙ୍କ୍ୟ ରହାଣେ, ମହେନ୍ଦ୍ର ସିଂ ଧୋନି (ଅଧିନାୟକ/ୱିକେଟକିପର), ରବୀନ୍ଦ୍ର ଜାଡ଼େଜା, ରବିଚନ୍ଦ୍ରନ ଅଶ୍ୱିନ, ଭୁବନେଶ୍ୱର କୁମାର, ମହମ୍ମଦ ଶାମି ଓ ଇଶାନ୍ତ ଶର୍ମା।

# ନିଜ ପ୍ରତ୍ୟାବର୍ତ୍ତନକୁ ନେଇ ବଡ଼ ବୟାନ ଦେଲେ 'ମାହି'



**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୭ ରେ ଏମଏସ ଧୋନି ମଇଦାନରେ ନଜର ଆସିବେ କି ନାହିଁ, ଏହି ପ୍ରଶ୍ନର ଉତ୍ତର ଜାଣିବା ପାଇଁ ପ୍ରଶଂସକମାନଙ୍କୁ ଆଉ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ। ଯଦିଓ 'ମାହି' ନିଜ ଭବିଷ୍ୟତକୁ ନେଇ ଏକ ବଡ଼ ସଙ୍କେତ ଦେଇଛନ୍ତି। ଧୋନି କହିଛନ୍ତି ଯେ ଆଉ ଏକ ସିଜନ୍ ଖେଳିବା ପାଇଁ ତାଙ୍କୁ ପ୍ରଥମେ ଫିଟନେସ୍ ଟେଷ୍ଟ ଦେଇ ଗତି କରିବାକୁ ହେବ ଏବଂ ଡିସେମ୍ବର ପୂର୍ବରୁ ନିଜ ଶାରୀରିକ ସ୍ଥିତିର ଆକଳନ କରିବାକୁ ପଡ଼ିବ। ସେ ଅକ୍ଟୋବର ୨୪ ତାରିଖରେ ବେଙ୍ଗାଲୁରୁରେ ଏକ ହେଲଥ୍‌କେୟାର କାର୍ଯ୍ୟକ୍ରମ ଅବସରରେ ଏହି କଥା କହିଛନ୍ତି।

ଧୋନି କହିଛନ୍ତି ଯେ ଯଦି ସେ ଖେଳିବା ପାଇଁ ଯଥେଷ୍ଟ ଫିଟ୍ ନ ହୁଅନ୍ତି, ତେବେ ଡାକ୍ତରମାନଙ୍କୁ ଏହା ସୁନିଶ୍ଚିତ କରିବାକୁ ପଡ଼ିବ ଯେ ତାଙ୍କ ସ୍ୱାସ୍ଥ୍ୟ ଠିକ୍ ରହୁ ଏବଂ ସେ ଆଉ ଏକ ସିଜନ୍ ଖେଳିବା ପାଇଁ ପ୍ରସ୍ତୁତ ହୋଇପାରିବେ। ଧୋନି ନିଜକୁ ଏକ ପୁରୁଣା ଭିଣ୍ଟେଜ୍ ଗାଡ଼ି ସହ ତୁଳନା କରି କହିଛନ୍ତି ଯେ ତାକୁ ରାସ୍ତାରେ ସୁରୁଖୁରୁରେ ଚଲାଇବାର ଦାୟିତ୍ୱ ଡାକ୍ତରମାନଙ୍କର ହେବ। ତାଙ୍କର ଏହି ବୟାନରୁ ସ୍ପଷ୍ଟ ଜଣାପଡୁଛି ଯେ ଆଇପିଏଲ୍‌ରେ ତାଙ୍କ ପ୍ରତ୍ୟାବର୍ତ୍ତନର ନିଷ୍ପତ୍ତି ଫିଟନେସ୍ ଆକଳନ ପରେ ହିଁ ନିଆଯିବ।

# ଭାରତ ବିପକ୍ଷ ୩ୟ ଟି୨୦ ପୂର୍ବରୁ ନିଜ ଦଳ ବଦଳାଇଲା ନ୍ୟୁଜିଲାଣ୍ଡ : ବାଦ୍ ପଡ଼ିଲେ ୨ ଷ୍ଟାର ଖେଳାଳି

**ଖ୍ରୀଷ୍ଟଚର୍ଚ୍ଚ**

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳାଯାଉଛି। ଟିମ୍ ଇଣ୍ଡିଆ ଏହି ଶୃଙ୍ଖଳାରେ ବର୍ତ୍ତମାନ ୨-୦ ରେ ଆଗୁଆ ରହିଛି। ନ୍ୟୁଜିଲାଣ୍ଡକୁ ନିଜ ଘରୋଇ ମାଟିରେ ଲଗାତାର ଦୁଇଟି ପରାଜୟର ସାମ୍ନା କରିବାକୁ ପଡ଼ିଛି। ବର୍ତ୍ତମାନ ନ୍ୟୁଜିଲାଣ୍ଡ ଆଗାମୀ ତିନୋଟି ଟି୨୦ ମ୍ୟାଚ୍ ପାଇଁ ନିଜ ସ୍କ୍ୱାଡ୍‌ରେ କିଛି ବଡ଼ ପରିବର୍ତ୍ତନ କରିଛି। ଦଳର କିଛି ଦ୍ରୁତ ବୋଲର ଭିନ୍ନ ଭିନ୍ନ ମ୍ୟାଚ୍ ପାଇଁ ଉପଲବ୍ଧ ନାହାନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟ୍ ସେମାନଙ୍କ ବଦଳ ଖେଳାଳିଙ୍କ ନାମ ମଧ୍ୟ ଘୋଷଣା କରିଦେଇଛି।

ନ୍ୟୁଜିଲାଣ୍ଡ କ୍ରିକେଟ୍ ଘୋଷଣା କରିଛି ଯେ ଦ୍ରୁତ ବୋଲର ଲକି ଫର୍ଗୁସନ ତୃତୀୟ ଟି୨୦ ମ୍ୟାଚ୍ ପାଇଁ ଉପଲବ୍ଧ ହେବେ ନାହିଁ। ସେ ଇଡେନ୍ ପାର୍କ ଏବଂ ସେଡନ୍ ପାର୍କରେ ହେବାକୁ ଥିବା ଶେଷ ଦୁଇଟି ଟି୨୦ ମ୍ୟାଚ୍ ପାଇଁ ପୁଣି ଥରେ ସ୍କ୍ୱାଡ୍‌ରେ ସାମିଲ ହେବେ। ମ୍ୟାଟ୍ ହେନେରୀଙ୍କୁ ନ୍ୟୁଜିଲାଣ୍ଡ କ୍ରିକେଟ୍ ଆଗାମୀ ତିନୋଟି ଟି୨୦ ମ୍ୟାଚ୍ ପାଇଁ ବିଶ୍ରାମ ଦେଇଛି। ସେ ବର୍ତ୍ତମାନ ସିଧାସଳଖ ଦିନିକିଆ ସିରିଜ୍‌ରେ ଖେଳୁଥିବାର ନଜର ଆସିବେ।

ଦ୍ରୁତ ବୋଲିଂ ଅଲରାଉଣ୍ଡର କାଏଲ ଜେମିସନ ତୃତୀୟ ଟି୨୦ ମ୍ୟାଚ୍ ପାଇଁ ଉପଲବ୍ଧ ଅଛନ୍ତି। ସେ ଚତୁର୍ଥ ଏବଂ ପଞ୍ଚମ ଟି-୨୦ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। କାଏଲ ଏହା ପରେ ଫୋର୍ଡ ଟ୍ରଫିର ଦ୍ୱିତୀୟ ରାଉଣ୍ଡରେ ଭାଗ ନେବେ ଏବଂ ପରେ ଦିନିକିଆ ସିରିଜ୍ ପାଇଁ ପୁଣି ଥରେ ସ୍କ୍ୱାଡ୍ ସହ ଯୋଡ଼ିହେବେ।



ନ୍ୟୁଜିଲାଣ୍ଡର ଟି-୨୦ ସ୍କ୍ୱାଡ୍‌ରେ ବ୍ଲେୟାର ଟିକନରଙ୍କ ଏଣ୍ଟ୍ରି ହୋଇଛି। ସେ ଆଗାମୀ ତିନୋଟି ମ୍ୟାଚ୍ ପାଇଁ ଉପଲବ୍ଧ ରହିବେ। ଏହା ବ୍ୟତୀତ ଜୋଶ୍ କ୍ଲାର୍କସନ ଚତୁର୍ଥ ଏବଂ ପଞ୍ଚମ ଟି-୨୦ ପାଇଁ ନ୍ୟୁଜିଲାଣ୍ଡ ଦଳ ସହ ଯୋଡ଼ି ହେବେ। ସୂଚନାଯୋଗ୍ୟ ଯେ, ମ୍ୟାଟ୍ ଫିସରଙ୍କୁ କେବଳ ତୃତୀୟ ଟି-୨୦ ମ୍ୟାଚ୍ ପାଇଁ ଦଳରେ ସ୍ଥାନ ଦିଆଯାଇଛି। ଏହା ପରେ ସେ ନ୍ୟୁଜିଲାଣ୍ଡ 'ଏ' ଏବଂ ଭାରତ 'ଏ' ମଧ୍ୟରେ ହେବାକୁ ଥିବା ମଲ୍ଟି-ଡେ (ମଲ୍ଟି ଡେଜ୍) ସିରିଜ୍ ପାଇଁ ପୁଣି ଫେରିଯିବେ।

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ କ୍ରାଇଷ୍ଟଚର୍ଚ୍ଚରେ ଖେଳାଯାଇଥିଲା। ଏହି ମହାଲଢ଼େଇରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୨୨୫ ରନ୍ ସଂଗ୍ରହ କରିଥିଲା। ଭାରତୀୟ ଦଳ ସାମ୍ନାରେ ଏକ ବଡ଼ ଲକ୍ଷ୍ୟ ଥିଲା, କିନ୍ତୁ ଦଳ ୧୯.୪ ଓଭରରେ ଏହାକୁ ସଫଳତାର ସହ ପିଛା କରି ୪ ୱିକେଟ୍‌ରେ ବିଜୟ ହାସଲ କରିଥିଲା। ସଞ୍ଜୁ ସାମସନଙ୍କ ୬୭ ରନ୍‌ର ଦମଦାର ଇନିଂସ ବଳରେ ଭାରତ ଏହି ମ୍ୟାଚ୍ ଜିତିଥିଲା।

ଖ୍ରୀଷ୍ଟଚର୍ଚ୍ଚରେ ହିଁ ଦ୍ୱିତୀୟ ଟି୨୦ ମ୍ୟାଚ୍ ମଧ୍ୟ ଦେଖିବାକୁ ମିଳିଥିଲା। ଏହି ମହାଲଢ଼େଇରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୮୦ ରନ୍ ସଂଗ୍ରହ କରିଥିଲା। ଏହି ମ୍ୟାଚ୍‌ରେ ବଲ୍ ଧିମା ଗତିରେ ଆସୁଥିଲା ଏବଂ ରନ୍ କରିବା କଷ୍ଟକର ଥିଲା। ଭାରତୀୟ ଦଳ ଏକ ସମୟରେ ମ୍ୟାଚ୍‌ର ପଛୁଆ ରହିଥିଲା, କିନ୍ତୁ ତିଲକ ବର୍ମା ଏବଂ ନୀତିଶ କୁମାର ରେଡ୍ଡୀଙ୍କ ଦମ୍‌ଦାର ବ୍ୟାଟିଂ ସମ୍ପୂର୍ଣ୍ଣ ବାଜି ପଲଟାଇ ଦେଇଥିଲା। ୪ ୱିକେଟ୍‌ରେ ଭାରତ ଏହି ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା।

# ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଠନ ନିମନ୍ତେ ସଂସଦୀୟ ସହଯୋଗ



**ଶ୍ରୀ ଓମ୍ ବିର୍ଲା**
ଲୋକସଭାର ବାଚସ୍ପତି

ସ୍ଥାପନ ହେବାର ଦୁଇ ଦଶନ୍ଧି ମଧ୍ୟରେ ବ୍ରିକ୍ସ ଗୋଷ୍ଠୀ ବିଶ୍ୱର ଦକ୍ଷିଣ ଗୋଲାର୍ଦ୍ଧର ଏକ ପ୍ରଭାବଶାଳୀ ଆଧାରସ୍ତମ୍ଭ ତଥା ବହୁପକ୍ଷୀୟ ବ୍ୟବସ୍ଥାରେ ସଂସ୍କାର ଆଣିବାର ଏକ ପ୍ରମୁଖ ଶକ୍ତି ଭାବରେ ମୁଣ୍ଡ ଟେକିଛି। ବ୍ରାଜିଲ୍, ରୁଷିଆ, ଭାରତ ଓ ଚୀନ୍ ଭଳି ଚାରିଗୋଟି ପ୍ରତିଷ୍ଠାତା ସଦସ୍ୟ ରାଷ୍ଟ୍ରରୁ ଆରମ୍ଭ ହୋଇଥିବା ଏହି ଗୋଷ୍ଠୀର ସମ୍ପ୍ରସାରଣ ଘଟି ବର୍ତ୍ତମାନ ଏଥିରେ ୧୧ଟି ରାଷ୍ଟ୍ର ସଦସ୍ୟ ଭାବରେ ରହିଛନ୍ତି। ଆଜି ଏହି ୧୧ଟି ପ୍ରମୁଖ ଉଦୀୟମାନ ଅର୍ଥନୀତି ବିଶ୍ୱର ଜନସଂଖ୍ୟାର ପ୍ରାୟ ୪୯.୫ ପ୍ରତିଶତ, ବିଶ୍ୱ ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.)ର ପ୍ରାୟ ୪୦ ପ୍ରତିଶତ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟର ୨୬ ପ୍ରତିଶତ ଅଂଶ ଧାରଣ କରୁଛନ୍ତି। ୨୦୨୬ ମସିହାରେ ଭାରତ 'ସହନଶୀଳତା, ନବସୃଜନ, ସହଯୋଗ ଓ ସ୍ଥାୟିତ୍ୱ ପାଇଁ ନିର୍ମାଣ' ବିଷୟବସ୍ତୁ ଅଧୀନରେ ବ୍ରିକ୍ସର ଅଧ୍ୟକ୍ଷତା ଗ୍ରହଣ କରିଛି। ଏହା ମାଧ୍ୟମରେ ଭାରତର ପ୍ରାଚୀନ ସଭ୍ୟତାଗତ ଆଦର୍ଶ 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ୍ 'ସମଗ୍ର ବିଶ୍ୱ ଗୋଟିଏ ପରିବାର' ଭାବନାକୁ ଆଗକୁ ଆଣିବା ସହିତ ବହୁପକ୍ଷୀୟ କାର୍ଯ୍ୟସୂଚୀକୁ 'ମାନବତା ପ୍ରଥମ' ଏବଂ ଜନକୈନ୍ଦ୍ରିକ ବିକାଶର ଦୃଷ୍ଟିକୋଣରେ ଆଧାରିତ କରାଯାଇଛି।

ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବର୍ଦ୍ଧିତ ସମ୍ପର୍କ ଏହି ଗୋଷ୍ଠୀର ସଂସଦୀୟ ଦିଗକୁ ମଧ୍ୟ ସୁଦୃଢ଼ କରିଛି। ଏହି ପ୍ରକ୍ରିୟା ବ୍ରିକ୍ସ ସଂସଦୀୟ ମଞ୍ଚ ମାଧ୍ୟମରେ ଆଗକୁ ବଢ଼ିଛି। ୨୦୧୧ ମସିହାରେ ସିଓଲଠାରେ ଅନୁଷ୍ଠିତ ଜି-୨୦ ବାଚସ୍ପତି ସମ୍ମିଳନୀର ପୃଷ୍ଠଭୂମିରେ ଆରମ୍ଭ ହୋଇଥିବା ସଂସଦୀୟ ଆଲୋଚନା ପ୍ରକ୍ରିୟା ୨୦୧୫ ମସିହା ଜୁନ୍ ୮ ତାରିଖରେ ମସ୍କୋଠାରେ ପ୍ରଥମ ବ୍ରିକ୍ସ ସଂସଦୀୟ ମଞ୍ଚର ବୈଠକ ଆୟୋଜନ ସହିତ ଏକ ଔପଚାରିକ ରୂପ ଗ୍ରହଣ କରିଥିଲା। ସେବେଠାରୁ ଏହି ମଞ୍ଚ ବିଭିନ୍ନ ଦେଶର ସଂସଦର ପ୍ରଧାନ ଅଧିକାରୀ ଓ ସାଂସଦମାନଙ୍କୁ ନିଜ ଅନୁଭୂତି ବିନିମୟ, ପାରସ୍ପରିକ ବୁଝାମଣା ବୃଦ୍ଧି ଏବଂ ସାଧାରଣ ସ୍ୱାର୍ଥ ସମ୍ପର୍କିତ ବିଷୟରେ ସହଯୋଗ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଯୋଗାଇ ଆସିଛି। ଭାରତ ଏହି ସଂସଦୀୟ ସହଯୋଗକୁ ଆଗେଇ ନେବାରେ ସକ୍ରିୟ ଭୂମିକା ଗ୍ରହଣ କରିଛି। ଅଗଷ୍ଟ ୨୦୧୬ରେ ଜୟପୁରଠାରେ 'ମହିଳା ସାଂସଦ: ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲର ସହାୟକ' ବିଷୟବସ୍ତୁ ଉପରେ ବ୍ରିକ୍ସ ମହିଳା ସାଂସଦ ମଞ୍ଚ ଆୟୋଜନ କରିବା ଏହାର ଏକ ଉଲ୍ଲେଖନୀୟ ଉଦାହରଣ।

ନୂଆଦିଲ୍ଲୀଠାରେ ଭାରତୀୟ ସଂସଦ ଦ୍ୱାରା ଆୟୋଜିତ ହେଉଥିବା ଦ୍ୱାଦଶ ବ୍ରିକ୍ସ ସଂସଦୀୟ ମଞ୍ଚର ବିଷୟବସ୍ତୁ ହେଉଛି 'ଜନକୈନ୍ଦ୍ରିକ ବିକାଶ ପାଇଁ ସଂସଦଗୁଡ଼ିକୁ ସୁଦୃଢ଼ କରିବା'। ଏହି ମଞ୍ଚ ପୂର୍ବରୁ ଗଢ଼ି ଉଠିଥିବା ପରମ୍ପରାକୁ ଆଗକୁ ନେବା ସହିତ ବ୍ରିକ୍ସର ସଦସ୍ୟ ଓ ସହଭାଗୀ ଦେଶଗୁଡ଼ିକ ମଧ୍ୟରେ ସଂସଦୀୟ ଆଲୋଚନା, ସହଯୋଗ ଓ ସାମୂହିକ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଆଇନ ପ୍ରଣୟନ, ବିଚାରବିମର୍ଶ, ବଜେଟର ଯାଞ୍ଚ, କାର୍ଯ୍ୟନିର୍ବାହୀ ସଂସ୍ଥାର ତଦାରଖ ଏବଂ ସଂସଦୀୟ କୂଟନୀତି ମାଧ୍ୟମରେ ବିଧାନମଣ୍ଡଳଗୁଡ଼ିକ କିପରି ସାଧାରଣ ଅନ୍ତର୍ଜାତୀୟ ପ୍ରାଥମିକତାକୁ ନାଗରିକମାନଙ୍କ ପାଇଁ ସାର୍ଥକ ଫଳାଫଳରେ ପରିଣତ କରିପାରିବେ, ତାହା ଅନୁଧ୍ୟାନ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ।

ଦ୍ୱାଦଶ ବ୍ରିକ୍ସ ସଂସଦୀୟ ମଞ୍ଚକୁ ଦିଗଦର୍ଶନ ଦେଉଥିବା ଚାରିଟି ମୁଖ୍ୟ ସ୍ତମ୍ଭ ସହନଶୀଳତା, ନବସୃଜନ, ସହଯୋଗ ଓ ସ୍ଥାୟିତ୍ୱ, ଭାରତର ୨୦୨୬ ବ୍ରିକ୍ସ ଅଧ୍ୟକ୍ଷତାର ବ୍ୟାପକ ଲକ୍ଷ୍ୟ ସହିତ ଗଭୀର ଭାବରେ ଜଡ଼ିତ। ସେପ୍ଟେମ୍ବର ୨୦୨୬ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ଗୃହୀତ 'ନୂଆଦିଲ୍ଲୀ ଘୋଷଣାନାମା' ଏହି ପ୍ରାଥମିକତାଗୁଡ଼ିକ ଉପରେ ସାମୂହିକ କାର୍ଯ୍ୟ ପାଇଁ ଏକ ରଣନୈତିକ ଢାଞ୍ଚା ପ୍ରଦାନ କରିଛି। ଶିଖର ସମ୍ମିଳନୀ ଅନ୍ତର୍ଜାତୀୟ ସହଯୋଗ ସ୍ତରରେ ସାଧାରଣ ପ୍ରତିବଦ୍ଧତାକୁ ପ୍ରକାଶ କରୁଥିବାବେଳେ, ଦ୍ୱାଦଶ ବ୍ରିକ୍ସ ସଂସଦୀୟ ମଞ୍ଚ ସେହି ପ୍ରତିବଦ୍ଧତାଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆବଶ୍ୟକ ବିଧାନଗତ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛି। ଚାରିଗୋଟି ସ୍ୱତନ୍ତ୍ର ଅଧିବେଶନ ମାଧ୍ୟମରେ ଏହି ମଞ୍ଚ ଅନୁଧ୍ୟାନ କରିବ ଯେ, ସଂସଦଗୁଡ଼ିକ କିପରି ଆଇନ ପ୍ରଣୟନ, ବଜେଟ୍ ଅନୁମୋଦନ, କାର୍ଯ୍ୟନିର୍ବାହୀ ସଂସ୍ଥାର ତଦାରଖ ଓ ସଂସଦୀୟ ସହଯୋଗ ମାଧ୍ୟମରେ ଶିଖର ସମ୍ମିଳନୀରେ ହୋଇଥିବା ସହମତିକୁ ଦେଶୀୟ ନୀତି ଓ କାର୍ଯ୍ୟକ୍ରମରେ ପରିଣତ କରି ନାଗରିକମାନଙ୍କୁ ପ୍ରତ୍ୟକ୍ଷ ଲାଭ ପ୍ରଦାନ କରିପାରିବେ।

**ପ୍ରଥମ ସ୍ତମ୍ଭ: ଅନୁଷ୍ଠାନଗତ ସହନଶୀଳତା–** ପ୍ରଥମ ବିଷୟବସ୍ତୁ ଅନୁଷ୍ଠାନଗତ ସହନଶୀଳତା, ଯାହା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସ୍ଥାୟୀ କରିବା ଏବଂ କ୍ରମଶଃ ଜଟିଳ ହେଉଥିବା ବିଶ୍ୱ ପରିସ୍ଥିତିର ଫଳପ୍ରଦ ମୁକାବିଲା କରିବା ପାଇଁ ସୁଦୃଢ଼, ଉତ୍ତରଦାୟୀ ଓ ପରିବର୍ତ୍ତନଶୀଳ ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱକୁ ଉଜାଗର କରେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ମୁଖ୍ୟତଃ ଗଠିତ ବିଶ୍ୱ ଶାସନ ବ୍ୟବସ୍ଥା ଆଜିର ଭୂରାଜନୈତିକ ପରିବର୍ତ୍ତନ, ରଣନୈତିକ ପ୍ରତିଦ୍ୱନ୍ଦ୍ୱିତା, ଅର୍ଥନୈତିକ ଅନିଶ୍ଚିତତା ଓ ଉଦୀୟମାନ ଆନ୍ତଃରାଷ୍ଟ୍ରୀୟ ଆହ୍ୱାନଗୁଡ଼ିକର ମୁକାବିଲା କରିବାରେ କ୍ରମଶଃ ଅସମର୍ଥ ହୋଇପଡୁଛି। ବିଶ୍ୱସ୍ତରୀୟ ବିକାଶ ପ୍ରତିବଦ୍ଧତା ଓ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ମଧ୍ୟରେ ରହିଥିବା ବ୍ୟବଧାନରୁ ଏହାର ସୀମାବଦ୍ଧତା ସ୍ପଷ୍ଟ ହୁଏ। ମିଳିତ ଜାତିସଂଘର ୨୦୨୬ର ସ୍ଥାୟୀ ବିକାଶ ଲକ୍ଷ୍ୟ ରିପୋର୍ଟ ଅନୁଯାୟୀ, ମାତ୍ର ୩୬ ପ୍ରତିଶତ ଲକ୍ଷ୍ୟ ନିର୍ଦ୍ଧାରିତ ଗତିରେ ଆଗେଇ ଚାଲିଛି। ଅନ୍ୟ ପକ୍ଷରେ, ବିକାଶଶୀଳ ଦେଶଗୁଡ଼ିକ ପ୍ରତିବର୍ଷ ପ୍ରାୟ ୪ ଟ୍ରିଲିୟନ୍ ଆମେରିକୀୟ ଡଲାରର ଏସଡିଜି ବିନିଯୋଗ ଅଭାବର ସମ୍ମୁଖୀନ ହେଉଛନ୍ତି। ଏହାର ବିପରୀତରେ, ୨୦୨୫ ମସିହାରେ ବିଶ୍ୱର ସାମରିକ ବ୍ୟୟ ରେକର୍ଡ ୨.୮ ଟ୍ରିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚିଥିଲା। ଏହି ବାସ୍ତବତାଗୁଡ଼ିକ ଏହା ସ୍ପଷ୍ଟ କରେ ଯେ, ବିଶ୍ୱର ସାମ୍ପ୍ରତିକ ଭୂରାଜନୈତିକ ଓ ଅର୍ଥନୈତିକ ବାସ୍ତବତାକୁ ପ୍ରତିଫଳିତ କରିବା ସହିତ ଅନ୍ତର୍ଜାତୀୟ ସମୁଦାୟର ଆବଶ୍ୟକତା ପୂରଣ କରିବା ପାଇଁ ବହୁପକ୍ଷୀୟ ଅନୁଷ୍ଠାନଗୁଡ଼ିକର ସୁଦୃଢ଼ୀକରଣ ଓ ସଂସ୍କାର ଅତ୍ୟନ୍ତ ଆବଶ୍ୟକ।

ଏହି ପରିପ୍ରେକ୍ଷୀରେ ବ୍ରିକ୍ସ ମିଳିତ ଜାତିସଂଘ ଏବଂ ବ୍ରେଟନ୍ ଉଡ୍ସ ଅନୁଷ୍ଠାନଗୁଡ଼ିକ ସମେତ ବିଶ୍ୱ ଶାସନ ବ୍ୟବସ୍ଥାର ପ୍ରମୁଖ ଅନୁଷ୍ଠାନଗୁଡ଼ିକର ବ୍ୟାପକ ସଂସ୍କାର ପାଇଁ ଦାବି କରିଆସୁଛି, ଯାହା ଦ୍ୱାରା ସେଗୁଡ଼ିକ ଅଧିକ ସମାବେଶୀ, ପ୍ରତିନିଧିତ୍ୱମୂଳକ, ସ୍ୱଚ୍ଛ ଓ ପ୍ରଭାବଶାଳୀ ହୋଇପାରିବେ। ୨୦୨୧ ମସିହାରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ତ୍ରୟୋଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ଗୃହୀତ 'ବହୁପକ୍ଷୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ସଂସ୍କାର ଆଣିବା ସମ୍ପର୍କିତ ମିଳିତ ବିବୃତି'ରେ ଏହି ପ୍ରତିବଦ୍ଧତା ପ୍ରତିଫଳିତ ହୋଇଥିଲା।

**ଦ୍ୱିତୀୟ ସ୍ତମ୍ଭ: ନବସୃଜନ–** ଆମର ଦ୍ୱିତୀୟ ସ୍ତମ୍ଭ ନବସୃଜନ ଏହି ସ୍ୱୀକୃତି ଉପରେ ଆଧାରିତ ଯେ, ଆମେ ଏକ ଅଭୂତପୂର୍ବ ଡିଜିଟାଲ୍ ବିପ୍ଳବ ମଧ୍ୟରେ ଗତି କରୁଛୁ। କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ସମାବେଶୀ ବିକାଶ ପାଇଁ ଅପାର ସମ୍ଭାବନା ସୃଷ୍ଟି କରୁଛି। ବିଶ୍ୱର ସଂସଦଗୁଡ଼ିକ ସମ୍ମୁଖରେ ଏପରି ନିୟମାବଳୀ ପ୍ରସ୍ତୁତ କରିବାର ଦାୟିତ୍ୱ ରହିଛି, ଯାହା ମୌଳିକ ଅଧିକାରଗୁଡ଼ିକୁ ସୁରକ୍ଷା ଦେବା ସହିତ ପ୍ରଯୁକ୍ତିଗତ ଅଗ୍ରଗତିକୁ ଉତ୍ସାହିତ କରିବ। ଆମକୁ ସୁନିଶ୍ଚିତ କରିବାକୁ ହେବ ଯେ, ଏଆଇ ବ୍ୟବସ୍ଥାଗୁଡ଼ିକ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ଦୃଢ଼ ମାନବୀୟ ନିୟନ୍ତ୍ରଣାଧୀନ ରହିବ।

ଏହି ଆହ୍ୱାନ ପ୍ରତି ଭାରତର ଦୃଷ୍ଟିକୋଣ ବାସ୍ତବବାଦୀ ଓ ମାନବକୈନ୍ଦ୍ରିକ। ବିଭିନ୍ନ କ୍ଷେତ୍ରରେ ନିରାପଦ, ବିଶ୍ୱସନୀୟ ଓ ସମାବେଶୀ ଏଆଇ ନବସୃଜନକୁ ସମର୍ଥନ କରିବା ପାଇଁ ଭାରତ ସାତଟି ସୂତ୍ର ଉପରେ ଆଧାରିତ ଏକ ନୀତିଭିତ୍ତିକ ଏଆଇ ଶାସନ ଢାଞ୍ଚା ଗ୍ରହଣ କରିଛି। ୨୦୨୬ରେ ଆୟୋଜିତ ଏଆଇ ଇମ୍ପାକ୍ଟ ସମ୍ମିଳନୀରେ 'ଏଆଇ ଇମ୍ପାକ୍ଟ ଉପରେ ନୂଆଦିଲ୍ଲୀ ଘୋଷଣାନାମା' ଗ୍ରହଣ କରାଯିବା ମାଧ୍ୟମରେ ଏହି ପ୍ରତିବଦ୍ଧତା ପୁନର୍ବାର ପ୍ରତିଫଳିତ ହୋଇଥିଲା।

ଉଦାହରଣ ସୃଷ୍ଟି କରି ଭାରତୀୟ ସଂସଦ ନିଜର କାର୍ଯ୍ୟପ୍ରଣାଳୀକୁ ଅଧିକ ସୁଗମ ଓ ସୁଲଭ କରିବା ପାଇଁ ଡିଜିଟାଲ୍ ପରିବର୍ତ୍ତନକୁ ଆପଣାଇଛି। 'ଡିଜିଟାଲ୍ ସଂସଦ' ପଦକ୍ଷେପ ମାଧ୍ୟମରେ ଆମେ ଏକ ସମନ୍ୱିତ, ସୁରକ୍ଷିତ ଓ କାଗଜବିହୀନ ବ୍ୟବସ୍ଥାକୁ ଗ୍ରହଣ କରିଛୁ। ଏହା ଉଲ୍ଲେଖନୀୟ ଯେ, 'ସଂସଦ ଭାଷିନୀ' ପଦକ୍ଷେପ ଅଧୀନରେ ସଂସଦୀୟ ବକ୍ତବ୍ୟର ତତ୍କାଳ ବକ୍ତବ୍ୟରୁ ଲିଖିତ ରୂପାନ୍ତରଣ ଏବଂ ସଂସଦୀୟ ଦଲିଲଗୁଡ଼ିକୁ ଆଞ୍ଚଳିକ ଭାଷାରେ ଅନୁବାଦ କରିବା ପାଇଁ ଆମେ ଏଆଇ ପ୍ରଯୁକ୍ତିର ବ୍ୟବହାର କରୁଛୁ। ଏହା ସହିତ ଲୋକସଭା ଓ ରାଜ୍ୟସଭାର ଐତିହାସିକ ବିତର୍କଗୁଡ଼ିକୁ ଏଆଇ ମାଧ୍ୟମରେ ଡିଜିଟାଇଜ୍ କରି ଆମର ସମୃଦ୍ଧ ଅନୁଷ୍ଠାନଗତ ସ୍ମୃତିକୁ ସଂରକ୍ଷଣ କରୁଛୁ। ଏହା ଆମର ଅତୀତର ବିଚାରବିମର୍ଶରେ ନିହିତ ମୂଲ୍ୟବୋଧଗୁଡ଼ିକୁ ପୁନର୍ବାର ଉଜାଗର କରିବାର ସୁଯୋଗ ପ୍ରଦାନ କରୁଛି।

**ତୃତୀୟ ସ୍ତମ୍ଭ: ସହଯୋଗ–** ଏହା ଆମକୁ ତୃତୀୟ ସ୍ତମ୍ଭସହ ଯୋଗ ନିକଟକୁ ନେଇ ଆସେ। ସମୟକ୍ରମେ ବିଶ୍ୱସ୍ତରୀୟ ଅନୁଷ୍ଠାନଗୁଡ଼ିକ ଏପରି ଭାବରେ ଗଠିତ ହୋଇଥିଲେ, ଯାହା ଆଜିର ପରିବର୍ତ୍ତିତ କ୍ଷମତା ସନ୍ତୁଳନକୁ ଆଉ ପ୍ରତିଫଳିତ କରୁନାହିଁ। ବର୍ତ୍ତମାନ କ୍ରୟ କ୍ଷମତା ସମତା ଆଧାରରେ ବିଶ୍ୱ ଅର୍ଥନୀତିର ୬୦ ପ୍ରତିଶତରୁ ଅଧିକ ଅଂଶ ବିଶ୍ୱ ଦକ୍ଷିଣର ରହିଛି ଏବଂ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧିର ପ୍ରାୟ ୮୦ ପ୍ରତିଶତ ଅଂଶ ଏହି ଦେଶଗୁଡ଼ିକର ଅବଦାନ। ଏହି ପରିବର୍ତ୍ତନଗୁଡ଼ିକ ଦର୍ଶାଉଛି ଯେ, ଅନ୍ତର୍ଜାତୀୟ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ବିଭିନ୍ନ ଦୃଷ୍ଟିକୋଣ ଓ ବିକାଶମୂଳକ ପ୍ରାଥମିକତାର ପ୍ରତିଫଳନ ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ।

**ଚତୁର୍ଥ ସ୍ତମ୍ଭ: ସ୍ଥାୟିତ୍ୱ–** ଶେଷରେ ଆମେ ସ୍ଥାୟିତ୍ୱ ବିଷୟକୁ ଆସୁଛୁ ଏହା ଏପରି ଏକ ପ୍ରତିଶ୍ରୁତି, ଯାହାକୁ ଆମ ପିଢ଼ି ଆଗାମୀ ପିଢ଼ି ପ୍ରତି ନିଜର କର୍ତ୍ତବ୍ୟ ଭାବେ ପାଳନ କରିବାକୁ ବାଧ୍ୟ। ମିଳିତ ଜାତିସଂଘର ୨୦୨୫ର ଏସଡିଜି ରିପୋର୍ଟ ଏକ ଚିନ୍ତାଜନକ ଚିତ୍ର ଉପସ୍ଥାପନ କରୁଛି। ଏଥିରେ ମାତ୍ର ୩୫ ପ୍ରତିଶତ ଲକ୍ଷ୍ୟ ନିର୍ଦ୍ଧାରିତ ଗତିରେ ଆଗେଇ ଚାଲିଛି। ପ୍ରାୟ ୮୦ କୋଟି ଲୋକ ଅତ୍ୟନ୍ତ ଦାରିଦ୍ର୍ୟରେ ଜୀବନଯାପନ କରୁଥିବାବେଳେ ୨୩୦ କୋଟି ଲୋକ ଖାଦ୍ୟ ଅସୁରକ୍ଷାର ସମ୍ମୁଖୀନ ହେଉଛନ୍ତି। ସବୁଜ ଅର୍ଥନୀତିକୁ ପରିବର୍ତ୍ତନ ପ୍ରକ୍ରିୟା ସମାବେଶୀ ହେବା ଆବଶ୍ୟକ। ଜଳବାୟୁ କାର୍ଯ୍ୟାନୁଷ୍ଠାନ ଯେପରି ଦାରିଦ୍ର୍ୟ ଦୂରୀକରଣକୁ ବାଧା ନ ଦିଏ କିମ୍ବା ପ୍ରତିବନ୍ଧକମୂଳକ ବାଣିଜ୍ୟ ବ୍ୟବସ୍ଥା ସୃଷ୍ଟି ନ କରେ, ତାହା ସୁନିଶ୍ଚିତ କରିବା ଆମର ଦାୟିତ୍ୱ।

ଭାରତର ବିକାଶ ଯାତ୍ରା ଏହାର ଏକ ଉଜ୍ଜ୍ୱଳ ଉଦାହରଣ ଯେ, ଅର୍ଥନୈତିକ ଅଭିବୃଦ୍ଧି ଓ ପରିବେଶଗତ ସୁରକ୍ଷାକୁ ସଫଳତାର ସହିତ ଏକାଠି ଆଗେଇ ନିଆଯାଇପାରେ। ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ଭାରତରେ ୨୪.୮୨ କୋଟି ଲୋକଙ୍କୁ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ କରାଯାଇଛି। ଜଳ ଜୀବନ ମିଶନ ଏକ ଅନୁକରଣୀୟ ସଫଳତାର କାହାଣୀ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ ପରିବାରଗୁଡ଼ିକରେ ନଳ ଯୋଗେ ଜଳ ଉପଲବ୍ଧତା ୨୦୧୯ରେ ୩.୨୩ କୋଟି ପରିବାରରୁ ବୃଦ୍ଧି ପାଇ ୨୦୨୬ ସୁଦ୍ଧା ୧୫.୯୧ କୋଟି ପରିବାରରେ ପହଞ୍ଚିଛି। ଏହି ମିଶନ ଆରମ୍ଭ ହେବାଠାରୁ ଅତିରିକ୍ତ ୧୨.୬୮ କୋଟିରୁ ଅଧିକ ଗ୍ରାମୀଣ ପରିବାରକୁ ନଳ ଜଳ ସଂଯୋଗ ଯୋଗାଇ ଦିଆଯାଇଛି। ଫଳରେ ଗ୍ରାମୀଣ ଭାରତରେ ନିରାପଦ ପାନୀୟ ଜଳର ଉପଲବ୍ଧତାରେ ଉଲ୍ଲେଖନୀୟ ଉନ୍ନତି ଘଟିଛି।

ଏହା ସହିତ ଭାରତର ସବୁଜ ପରିବର୍ତ୍ତନ ମଧ୍ୟ ଐତିହାସିକ ରହିଛି। ଜୁଲାଇ ୨୦୨୬ ସୁଦ୍ଧା ଭାରତର ମୋଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ପ୍ରାୟ ୫୫୨ ଗିଗାୱାଟରେ ପହଞ୍ଚିଛି। ଏଥିରେ ଅଣ-ଜୀବାଶ୍ମ ଇନ୍ଧନ ଉତ୍ସର ଅଂଶ ୫୪ ପ୍ରତିଶତରୁ ଅଧିକ। ଆମେ ନିର୍ଦ୍ଧାରିତ ସମୟସୀମାର ପାଞ୍ଚ ବର୍ଷ ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ଲକ୍ଷ୍ୟ ହାସଲ କରିଛୁ।

ଏହି ଯାତ୍ରାରେ ସଂସଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ଶକ୍ତି ସଂରକ୍ଷଣ (ସଂଶୋଧନ) ଆଇନ, ୨୦୨୨ ଭଳି ପରିବର୍ତ୍ତନକାରୀ ଆଇନ ପ୍ରଣୟନ କରିଛୁ। ଏହି ଆଇନ ଏକ ସ୍ଥାୟୀ ଭବିଷ୍ୟତ ଗଠନ ପ୍ରକ୍ରିୟାକୁ ନିରନ୍ତର ଉତ୍ସାହିତ କରୁଛି। 'ମିଶନ୍ ଲାଇଫ୍' ମାଧ୍ୟମରେ ଆମେ ସାମୂହିକ ସଚେତନତା ଓ ଦାୟିତ୍ୱବୋଧ ପାଇଁ ଆହ୍ୱାନ ଜଣାଉଛୁ। ପୃଥିବୀର ସୁରକ୍ଷା ପାଇଁ କେବଳ ସୁଚିନ୍ତିତ ନୀତି ଯଥେଷ୍ଟ ନୁହେଁ; ପ୍ରତ୍ୟେକ ନାଗରିକଙ୍କ ସଚେତନ ଆଚରଣ ଓ ଦୈନନ୍ଦିନ ଜୀବନରେ ଦାୟିତ୍ୱପୂର୍ଣ୍ଣ ପସନ୍ଦ ମଧ୍ୟ ଆବଶ୍ୟକ।

ଏକ ଅଧିକ ନ୍ୟାୟପୂର୍ଣ୍ଣ, ସମାନତାଭିତ୍ତିକ ଓ ପ୍ରଗତିଶୀଳ ଅନ୍ତର୍ଜାତୀୟ ବ୍ୟବସ୍ଥା ଗଠନ ପାଇଁ ଆମର ନିରନ୍ତର ପ୍ରୟାସ ଜାରି ରହିଥିବାବେଳେ, ଆସନ୍ତୁ ଆମେ ଆମ ଜନସାଧାରଣଙ୍କ ଦ୍ୱାରା ଆମ ଉପରେ ରଖାଯାଇଥିବା ବିଶ୍ୱାସର ମର୍ଯ୍ୟାଦା ରକ୍ଷା କରିବା। ଆମର ସାମୂହିକ ଭବିଷ୍ୟତର ମୂଳରେ ଥିବା ସହନଶୀଳତା, ନବସୃଜନ, ସହଯୋଗ ଓ ସ୍ଥାୟିତ୍ୱର ନୀତିଗୁଡ଼ିକୁ ଆହୁରି ଅଧିକ ନିଷ୍ଠା ଓ ଦୃଢ଼ତାର ସହିତ ପାଳନ କରିବା ପାଇଁ ଆମେ ନିଜକୁ ପୁନର୍ବାର ସମର୍ପିତ କରିବା।





# ଭୁବନେଶ୍ୱରରେ ମା' ଗଜଲକ୍ଷ୍ମୀ ପୂଜା ନିମନ୍ତେ ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ତୋରଣ



ବାପୁଜିନଗର ଲକ୍ଷ୍ମୀପୂଜା କମିଟି




ୟୁନିଟ୍-୨ ମାର୍କେଟ ବିଲଡିଂ ସେଣ୍ଟ୍ରାଲ ଆସୋସିଏସନ



ଫ୍ରେଣ୍ଡସ୍ କ୍ଲବ, ୟୁନିଟ୍-୯



ଗଜଲକ୍ଷ୍ମୀ କଲଚରାଲ ଆସୋସିଏସନ, ୟୁନିଟ୍-୯



ଜାଗେଶ୍ୱରୀ ପୂଜା କମିଟି, ରଙ୍ଗମାଟିଆ



ଲକ୍ଷ୍ମୀବିହାର ବିକାଶ ପରିଷଦ, ସୈନିକ ସ୍କୁଲ ଛକ

# ଆଶୁତୋଷ ପରିଡ଼ା ପାଇଲେ ୪୭ତମ ଶାରଳା ପୁରସ୍କାର

## ଗୁରୁ ଦୁର୍ଗା ଚରଣ ରଣବୀର ଏବଂ ଦାମୋଦର ବେହେରା ଇଲା-ବଂଶୀଧର ପଣ୍ଡା କଳା ସମ୍ମାନରେ ସମ୍ମାନିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରସିଦ୍ଧ ଓଡ଼ିଆ କବି ଡକ୍ଟର ଆଶୁତୋଷ ପରିଡ଼ାଙ୍କୁ ୪୭ତମ ଶାରଳା ପୁରସ୍କାର ପ୍ରଦାନ କରାଯାଇଛି। ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବୁଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ଦ୍ୱାରା ପ୍ରତିଷ୍ଠିତ ଏହି ପୁରସ୍କାର ପ୍ରତିବର୍ଷ ଶ୍ରେଷ୍ଠ ସାହିତ୍ୟିକ କୃତି ପାଇଁ ପ୍ରଦାନ କରାଯାଇଥାଏ। ସମ୍ମାନିତ ମୁଖ୍ୟ ଅତିଥି, ଜଣାଶୁଣା ଭାରତୀୟ ଗୀତିକାର, କବି ତଥା ଔପନ୍ୟାସିକ ଆର. ବୈରାମୁଥୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପୁରସ୍କାର ସ୍ୱରୂପ ଏକ ତାମ୍ର ଫଳକ, ପ୍ରଶସ୍ତି ପତ୍ର ଏବଂ ୭ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରାଯାଇଛି। ପରଭା ପବ୍ଲିକେସନ ଦ୍ୱାରା ପ୍ରକାଶିତ ଡକ୍ଟର ପରିଡ଼ାଙ୍କ ପ୍ରଶଂସିତ କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥିବୀ' ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଏହି ଅବସରରେ, ପ୍ରଦର୍ଶନ କଳା କ୍ଷେତ୍ରରେ ଅବଦାନ ପାଇଁ ୨୦୨୫ରେ ପଦ୍ମଶ୍ରୀ ପାଇଥିବା କିମ୍ବଦନ୍ତୀ ଓଡ଼ିଶୀ ଗୁରୁ ଦୁର୍ଗା ଚରଣ ରଣବୀର ଏବଂ ଦୃଶ୍ୟ କଳା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଭାସ୍କର୍ଯ୍ୟ ଶିଳ୍ପୀ ତଥା କଳା ଶିକ୍ଷାବିତ୍ ଦାମୋଦର ବେହେରାଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରତ୍ୟେକ କଳାକାରଙ୍କୁ ପ୍ରଶସ୍ତି ପତ୍ର, ତାମ୍ର ଫଳକ ଏବଂ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଉତ୍ସବରେ ସଭାପତିତ୍ୱ କରି ଇମ୍ପାକ୍ଟର ଟ୍ରଷ୍ଟି ଶ୍ରୀମତୀ ପାରମିତା ପଣ୍ଡା, ଡକ୍ଟର ପରିଡ଼ାଙ୍କୁ ଅଭିନନ୍ଦନ ଜଣାଇବା ସହ 'ବିଶ୍ୱାସ ଦେ ପୃଥିବୀ'କୁ ଆମ ସମୟର ଏକ ଗଭୀର ପ୍ରତିଫଳନ ବୋଲି ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ କବି ସର୍ବଦା ସାମାଜିକ ବାସ୍ତବତାକୁ ନିଜ କାର୍ଯ୍ୟର କେନ୍ଦ୍ରବିନ୍ଦୁରେ ରଖିଛନ୍ତି। ପୁରସ୍କାରର ସୁଦୀର୍ଘ ପରମ୍ପରା ବିଷୟରେ ସେ



କହିଛନ୍ତି: ଓଡ଼ିଆ ସାହିତ୍ୟ, ସଙ୍ଗୀତ ଏବଂ କଳାର ବିକାଶ ପାଇଁ ଇମ୍ପାକ୍ଟ ସର୍ବଦା ପ୍ରତିବଦ୍ଧ ରହିଛି। ଏହି ପ୍ରତିଭାମାନଙ୍କୁ ସମ୍ମାନିତ କରି ଆମେ ଅତ୍ୟନ୍ତ କୃତଜ୍ଞତା ଅନୁଭବ କରୁଛୁ। ଆମେ ଆଶା କରୁଛୁ ଯେ ସେମାନଙ୍କର ଜୀବନଯାତ୍ରା ଆମର ଯୁବପିଢ଼ିକୁ ଏହି ଐତିହ୍ୟକୁ ଆଦର କରିବା ଏବଂ ଗର୍ବର ସହ ଆଗକୁ ନେଇଯିବା ପାଇଁ ପ୍ରେରଣା ଯୋଗାଇବ। ପଦ୍ମଭୂଷଣ, ପଦ୍ମଶ୍ରୀ, ସାହିତ୍ୟ ଏକାଡେମୀ ପୁରସ୍କାର, ସାତୋଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ନିକଟରେ ୨୦୨୬ ପାଇଁ ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ ମୁଖ୍ୟ ଅତିଥି ଶ୍ରୀ ଆର. ବୈରାମୁଥୁ ନିଜର ଅଭିଭାଷଣରେ କହିଥିଲେ ଭାଷା ହେଉଛି ଏକ ସଂସ୍କୃତି, ଏବଂ ଏହା ଅନ୍ୟ ସଂସ୍କୃତିଗୁଡ଼ିକ ସହିତ ନିରନ୍ତର ଭାବରେ ବଞ୍ଚିରହିଥାଏ। ଜଣକର ମାତୃଭାଷା ହିଁ ତାହାର ପରିଚୟ। ଲୋକମାନେ ନିଜ ଭାଷାର ସୁରକ୍ଷା କରିବା ଉଚିତ। ଯେତେବେଳେ ଏକ ଭାଷା ଶକ୍ତିଶାଳୀ ହୁଏ, ଏହାର ସୀମା ବୃଦ୍ଧି ପାଏ। ମୁଁ ସଂସ୍କୃତିର ଦୁଇ ରକ୍ଷକ, ସ୍ୱର୍ଗତ ଡ. ବଂଶୀଧର ପଣ୍ଡା ଏବଂ ସ୍ୱର୍ଗତ ଶ୍ରୀମତୀ ଇଲା ପଣ୍ଡାଙ୍କୁ ପ୍ରଣାମ କରୁଛି, ଯେଉଁମାନେ ୪୭ ବର୍ଷ ଧରି ଏହି ସାଂସ୍କୃତିକ ପରମ୍ପରାକୁ ପୋଷଣ ଏବଂ ସୁରକ୍ଷିତ କରି ରଖିଛନ୍ତି। ପଦ୍ମଭୂଷଣ ତଥା ଜ୍ଞାନପୀଠ ପୁରସ୍କାର ବିଜେତା ଡକ୍ଟର ପ୍ରତିଭା ରାୟ ଏହି ଉତ୍ସବରେ ସମ୍ମାନିତ ଉଦ୍‌ଘାଟକ ଏବଂ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଥିଲେ: ମୁଁ ଉପନ୍ୟାସ ଲେଖିପାରେ, କିନ୍ତୁ ମୁଁ କବିତା ବ୍ୟାପକ ଭାବରେ ପଢ଼େ, କାରଣ ଏହା ହେଉଛି ସାହିତ୍ୟର ହୃଦୟ, ଏବଂ ଏହା ବିନା ସାହିତ୍ୟର ଅସ୍ତିତ୍ୱ ରହିପାରିବ ନାହିଁ। ଯେଉଁଠାରେ କବିମାନଙ୍କର ଶବ୍ଦ ସରିଯାଏ, ସେଠାରେ କବିତା ନିଜକୁ ସମ୍ପୂର୍ଣ୍ଣ କରିଥାଏ, ଏହାର ସମ୍ବେଦନଶୀଳତା ଏବଂ ଭାବନା ଦ୍ୱାରା ପାଠକମାନଙ୍କର ହୃଦୟକୁ ଛୁଇଁଥାଏ। ଡକ୍ଟର ଆଶୁତୋଷ ପରିଡ଼ା କହିଛନ୍ତି: ମତେ ପ୍ରାୟତଃ ପଚରାଯାଏ ଯେ ବିଜ୍ଞାନରେ କ୍ୟାରିୟର ଗଢ଼ିବା ପରେ ମଧ୍ୟ ମୁଁ କାହିଁକି କବିତା ଲେଖେ? କିନ୍ତୁ ବିଜ୍ଞାନ ଏବଂ କବିତା ପରସ୍ପରର ବିପରୀତ ନୁହଁନ୍ତି। ସେମାନେ ମାନବୀୟ କୌତୂହଳ ଏବଂ କଳ୍ପନାଶକ୍ତିକୁ ପରସ୍ପର ସହ ବାଣ୍ଟିଥାନ୍ତି। ମୁଁ କେବେହେଲେ ସେମାନଙ୍କ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ଅନୁଭବ କରିନାହିଁ। ମୋ ପାଇଁ, କବିତା ହେଉଛି ମାନବୀୟ ସ୍ମୃତିର ଏକ ଯାତ୍ରା, ଏକ ସୁନ୍ଦର ପୃଥିବୀକୁ ପୁନର୍ବାର ଜୀବନ୍ତ କରିବାର ଏକ ମାଧ୍ୟମ। ୧୯୭୪ ମସିହାରେ ଡକ୍ଟର ବଂଶୀଧର ପଣ୍ଡା ଏବଂ ଶ୍ରୀମତୀ ଇଲା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବୁଲ୍ ଟ୍ରଷ୍ଟ (ଇମ୍ପାକ୍ଟ), ଶାରଳା ପୁରସ୍କାର (୧୯୮୦ରେ ପ୍ରତିଷ୍ଠିତ), ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ ଏବଂ ଏକଲବ୍ୟ ପୁରସ୍କାର ମାଧ୍ୟମରେ ଓଡ଼ିଆ ସାହିତ୍ୟ ଓ କଳାର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି।

# ବେଦାନ୍ତ ଆଲୁମିନିୟମର ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ଉପରେ ଗୁରୁତ୍ୱ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ଭୁଗ୍ରାପାଲି ଗାଁର ଚାଷଜମିରେ ଧାନ ଓ ପନିପରିବା ଚାଷ ସହ ଏବେ ମହୁମାଛିଙ୍କ ଗୁଣୁଗୁଣୁ ଶବ୍ଦ ଏକ ନୂଆ ଆୟର ସମ୍ଭାବନା ସୃଷ୍ଟି କରିଛି। ଚାଷୀ କ୍ଷୀରୋଦ୍ର ପଟେଲଙ୍କ ପାଇଁ ମହୁମାଛି ଏବେ ଅତିରିକ୍ତ ରୋଜଗାରର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି। ନିଜର ୬ ଏକର ଜମିରେ ଚାଷ କରିବା ସହ ସେ ମହୁମାଛି ପାଳନରୁ ବାର୍ଷିକ ପ୍ରାୟ ୨୫ ହଜାର ଟଙ୍କା ଆୟ କରୁଛନ୍ତି। ପ୍ରଥମେ ମାତ୍ର ୩ଟି ମହୁମାଛି ବାକ୍ସରୁ ଆରମ୍ଭ ହୋଇଥିବା ଏହି ଉଦ୍ୟମ ଏବେ ତାଙ୍କ ସାତ ଜଣିଆ ପରିବାରର ଆର୍ଥିକ ସୁରକ୍ଷାକୁ ମଜବୁତ କରିବାରେ ସହାୟକ ହୋଇଛି।

କ୍ଷୀରୋଦ୍ରଙ୍କ ଏହି ସଫଳତା ହେଉଛି ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମର ଜୀବିକାଭିତ୍ତିକ ପଦକ୍ଷେପ 'ବେଦାମୃତ'ର ସଫଳ ଉଦାହରଣ। ଗ୍ରାମାଞ୍ଚଳର ଚାଷୀଙ୍କୁ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ସମ୍ପର୍କରେ ତାଲିମ ଦେଇ ଏହି କାର୍ଯ୍ୟକ୍ରମ ସେମାନଙ୍କ ଆୟର ବିକଳ୍ପ ଉତ୍ସ ସୃଷ୍ଟି କରିବା ସହ ପ୍ରାକୃତିକ ପରାଗସଙ୍ଗମ ମାଧ୍ୟମରେ କୃଷି ଉତ୍ପାଦକତା ବୃଦ୍ଧିରେ ସହାୟକ ହେଉଛି। ବ୍ୟବହାରିକ ତାଲିମ, ମହୁମାଛି ବାକ୍ସ ବଣ୍ଟନ ଏବଂ ନିରନ୍ତର ବୈଷୟିକ ସହାୟତା ଜରିଆରେ ଏହି ପଦକ୍ଷେପ ଚାଷୀ ପରିବାରଗୁଡ଼ିକୁ ସ୍ଥାୟୀ ଆୟର ସୁଯୋଗ ପ୍ରଦାନ କରୁଛି। କ୍ଷୀରୋଦ୍ର, ମଞ୍ଜରୀ, ରାଜକୁମାରୀ ଓ ପ୍ରତିମାଙ୍କ ପାଇଁ ଗୋଟିଏ ମହୁମାଛି ବାକ୍ସ କେବଳ ମହୁ ଉତ୍ପାଦନର ମାଧ୍ୟମ ନୁହେଁ, ଏହା ନୂଆ ସମ୍ଭାବନା ଅନ୍ୱେଷଣ କରିବାର ଆତ୍ମବିଶ୍ୱାସ ଏବଂ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିବାର ସୁଯୋଗ। 'ବେଦାମୃତ' ମାଧ୍ୟମରେ ବେଦାନ୍ତ ଆଲୁମିନିୟମ ଗୋଷ୍ଠୀଭିତ୍ତିକ ଜୀବିକା ପଦକ୍ଷେପ କିପରି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଅଧିକ ସ୍ଥାୟୀ କୃଷି ବ୍ୟବସ୍ଥା ଗଠନରେ ସହାୟକ ହୋଇପାରେ, ତାହାର ଉଦାହରଣ ଉପସ୍ଥାପନ କରୁଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## 'ଖଣିରୁ ମାଇକ୍ରୋଚିପ୍ ...

ସ୍ଥାପନା ପାଇଁ ଆରବିଆଇ ଏବଂ ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। ଏହା ଓଡ଼ିଶା ସମେତ ସମଗ୍ର ଦେଶର ଲୋକଙ୍କ ପାଇଁ ଲାଭଦାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଦେଶର ଶାସନ ବ୍ୟବସ୍ଥାରେ ଆସିଥିବା ମୌଳିକ ପରିବର୍ତ୍ତନର ପ୍ରତୀକ। ବର୍ତ୍ତମାନ ସରକାର ବିକାଶକୁ ପ୍ରାଥମିକତା ଦେବା, ଏହାର ପରିସର ବୃଦ୍ଧି କରିବା ଏବଂ ଯୋଜନାର ସୁଫଳକୁ ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଉଛି। ନାଗରିକଙ୍କ ଜୀବନକୁ ସହଜ କରିବା ଓ ସେମାନଙ୍କ ସ୍ୱପ୍ନ ପୂରଣ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ହିଁ ଶାସନର ପ୍ରକୃତ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ମୋଦୀ କହିଥିଲେ ଯେ ଜନକୈନ୍ଦ୍ରିକ ଓ ସକ୍ରିୟ ସୁଶାସନ ମଡେଲ ମାଧ୍ୟମରେ ସନ୍ତୁଳିତ ଆଞ୍ଚଳିକ ବିକାଶ, ଗରିବଙ୍କ ମର୍ଯ୍ୟାଦା ଏବଂ ପ୍ରତ୍ୟେକ ନାଗରିକଙ୍କୁ ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଏକ୍ସପ୍ରେସ୍ ୱେ ଛୋଟ ସହରଗୁଡ଼ିକୁ ସଂଯୋଗ କରୁଛି, ବିଭିନ୍ନ ରାଜ୍ୟରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ସମ୍ପ୍ରସାରଣ ହୋଇଛି ଏବଂ ଛୋଟ ସହରରେ ମେଡିକାଲ କଲେଜ ଖୋଲାଯାଉଛି। ଗ୍ରାମାଞ୍ଚଳରେ ପ୍ରାୟ ୧.୭୫ ଲକ୍ଷ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନ କରାଯାଇଥିବା ବେଳେ ଦୁର୍ଗମ ଅଞ୍ଚଳକୁ ଡିଜିଟାଲ ସଂଯୋଗର ସମ୍ପ୍ରସାରଣ କରାଯାଉଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ୧୯୬୦ ଓ ୧୯୭୦ ଦଶକରେ ଗରିବଙ୍କ ହିତ ପାଇଁ ବ୍ୟାଙ୍କଗୁଡ଼ିକର ଜାତୀୟକରଣ କରାଯାଇଥିଲେ ମଧ୍ୟ ୨୦୧୪ ପର୍ଯ୍ୟନ୍ତ ଦେଶର ଅଧାରୁ ଅଧିକ ଜନସଂଖ୍ୟା ବ୍ୟାଙ୍କିଂ ବ୍ୟବସ୍ଥା ବାହାରେ ରହିଥିଲେ। ସେହି ସମୟରେ ମଧ୍ୟବିତ୍ତଙ୍କ ପାଇଁ ବ୍ୟାଙ୍କ ଋଣ ପାଇବା କଷ୍ଟକର ଥିବାବେଳେ କ୍ଷୁଦ୍ର ଚାଷୀ, ଭୂମିହୀନ ଓ ମହିଳାଙ୍କ ପାଇଁ ଔପଚାରିକ ଋଣ ସୁବିଧା ପାଇବା ଆହୁରି କଷ୍ଟକର ଥିଲା। କିନ୍ତୁ ଆଜି ଡିଜିଟାଲ ବ୍ୟାଙ୍କିଂ ଦେଶର ଲୋକଙ୍କୁ ୨୪ ଘଣ୍ଟିଆ ବ୍ୟାଙ୍କିଂ ସେବା ସହ ଯୋଡ଼ିପାରିଛି ବୋଲି ସେ କହିଥିଲେ। ଦେଶରେ ପ୍ରାୟ ୬୦ କୋଟି ଜନଧନ ଖାତା ଖୋଲାଯାଇଥିବାରୁ ସରକାରୀ ସହାୟତା ସିଧାସଳଖ ହିତାଧିକାରୀଙ୍କ ଖାତାରେ ପହଞ୍ଚିବା ସମ୍ଭବ ହୋଇଛି ବୋଲି ମୋଦୀ କହିଥିଲେ। କେନ୍ଦ୍ର ସରକାର ପଠାଉଥିବା ପ୍ରତ୍ୟେକ ଟଙ୍କା ହିତାଧିକାରୀଙ୍କ ଖାତାରେ ପହଞ୍ଚୁଥିବା ଏବଂ ଏହା ଦ୍ୱାରା ଅର୍ଥ ହଡ଼ପ ଓ ମଧ୍ୟସ୍ଥଙ୍କ ହସ୍ତକ୍ଷେପ ହ୍ରାସ ପାଇଥିବା ସେ ଦାବି କରିଥିଲେ। ବିନା ବନ୍ଧକରେ ଔପଚାରିକ ଋଣ ପାଇବାର ସୁଯୋଗ ଛୋଟ ଉଦ୍ୟୋଗୀ, ପାରମ୍ପରିକ କାରିଗର ଓ ରାସ୍ତାକଡ଼ ବ୍ୟବସାୟୀଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ୧୩ କୋଟି ଲୋକ ପ୍ରଥମଥର ପାଇଁ ଉଦ୍ୟୋଗୀ ହୋଇଥିବା ସେ ଉଲ୍ଲେଖ କରିଥିଲେ। ସେହିପରି ପିଏମ ସ୍ୱ ନିଧି ଓ ପିଏମ ବିଶ୍ୱକର୍ମା ଯୋଜନା ମାଧ୍ୟମରେ ରାସ୍ତାକଡ଼ ବ୍ୟବସାୟୀ ଓ କୁଶଳୀ କାରିଗରମାନେ ଔପଚାରିକ ଋଣ ସୁବିଧା ପାଇଥିବା ବେଳେ ୧୦ କୋଟି ଗ୍ରାମୀଣ ମହିଳାଙ୍କୁ ପ୍ରତିନିଧିତ୍ୱ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ବ୍ୟାଙ୍କ ପକ୍ଷରୁ ହଜାର ହଜାର କୋଟି ଟଙ୍କାର ସହାୟତା ମିଳିଛି। ଡେବିଟ୍ ଓ କ୍ରେଡିଟ୍ କାର୍ଡ ପୂର୍ବରୁ କେବଳ ନିର୍ଦ୍ଦିଷ୍ଟ ବର୍ଗଙ୍କ ମଧ୍ୟରେ ସୀମିତ ଥିଲା। କିନ୍ତୁ କୋଟି କୋଟି ରୁପେ କାର୍ଡ ମାଧ୍ୟମରେ ଏହି ସୁବିଧା ସାଧାରଣ ନାଗରିକଙ୍କ ପାଖରେ ପହଞ୍ଚିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ପରିବର୍ତ୍ତନ ପାଇଁ ସେ ଆରବିଆଇ, ବାଣିଜ୍ୟିକ ବ୍ୟାଙ୍କ ଓ ଦେଶର ସମସ୍ତ ବ୍ୟାଙ୍କ କର୍ମଚାରୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆର୍ଥିକ ସଶକ୍ତୀକରଣ ସହ ସାମାଜିକ ସୁରକ୍ଷାର ପରିସର ମଧ୍ୟ ବୃଦ୍ଧି ପାଇଛି। ଅଟଳ ପେନ୍‌ସନ୍ ଯୋଜନାରେ ୯ କୋଟି ନାଗରିକ ସାମିଲ ହୋଇଥିବା ବେଳେ ଓଡ଼ିଶାରୁ ୩୮ ଲକ୍ଷ ଲୋକ ଏହାର ଲାଭ ପାଉଛନ୍ତି। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବାର୍ଷିକ ୨୦ ଟଙ୍କା ପ୍ରିମିୟମ୍‌ରେ ୨ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ଏବଂ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ବାର୍ଷିକ ୪୫୦ ଟଙ୍କାରୁ କମ୍ ପ୍ରିମିୟମ୍‌ରେ ଜୀବନ ବୀମା ସୁବିଧା ମିଳୁଛି। ଏହା ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ବୀମା ସୁରକ୍ଷାକୁ ସହଜ କରିଛି ବୋଲି ସେ କହିଥିଲେ।

ଏହି ଯୋଜନାଗୁଡ଼ିକ ଅଧୀନରେ ବିପଦ ସମୟରେ ପରିବାରଗୁଡ଼ିକୁ ୨୫ ହଜାର କୋଟି ଟଙ୍କାରୁ ଅଧିକ ବୀମା ଦାବି ରାଶି ପ୍ରଦାନ କରାଯାଇଥିବା ସେ ଉଲ୍ଲେଖ କରିଥିଲେ। ଏହାକୁ ସେ ସୁଶାସନର ଏକ ଉଦାହରଣ ବୋଲି କହିଥିଲେ।

## ବାତ୍ୟାର ମୁକାବିଲା...

କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ କରାଯାଇଛି।ଟୋଲ୍-ଫ୍ରି ନମ୍ବର,ସମେତ ଜିଲ୍ଲାଗୁଡ଼ିକର ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ଜନସାଧାରଣଙ୍କ ପାଇଁ ଉପଲବ୍ଧ ଅଛି।'

## ସମ୍ଭାବ୍ୟ ବାତ୍ୟା ମୁକାବିଲା...

ସତର୍କତାମୂଳକ ପଦକ୍ଷେପ ସୁନିଶ୍ଚିତ କରିବା ଏହି ନିଯୁକ୍ତିର ଉଦ୍ଦେଶ୍ୟ। ମନ୍ତ୍ରୀମାନେ ନିଜ ନିଜ ଜିଲ୍ଲାରେ ପ୍ରସ୍ତୁତିର ସମୀକ୍ଷା କରିବା ସହ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବେ। ଆବଶ୍ୟକ ପଡ଼ିଲେ ଯେପରି ତ୍ୱରିତ ପଦକ୍ଷେପ ନିଆଯାଇପାରିବ, ସେଥିପାଇଁ ମଧ୍ୟ ସେମାନେ ନଜର ରଖିବେ। ଅକ୍ଟୋବର ୨୮ରେ ସମ୍ଭାବ୍ୟ ବାତ୍ୟା ଓଡ଼ିଶା-ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମୁହାଁଇବାର ଆଶଙ୍କା ଥିବାରୁ ରାଜ୍ୟ ସରକାର ପ୍ରସ୍ତୁତିମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି।

## 'ମନ୍ କି ବାତ୍'ରେ ...

ଆଲୋଚନା କରି କହିଛନ୍ତି ଯେ ଉନ୍ନତ ଅନୁସନ୍ଧାନରେ ଅଙ୍ଗ ଦାନର ଏକ ବଡ଼ ଭୂମିକା ରହିଛି। ଯେଉଁମାନେ ନିଜ ଜୀବନ ଶେଷ କରିବା ପରେ ଅଙ୍ଗଦାନ କରିବାକୁ ଯାଆନ୍ତି ସେମାନେ ମଧ୍ୟ ଅନେକ ଜୀବନ ବଞ୍ଚାନ୍ତି ଏବଂ ଗବେଷଣା ସମ୍ଭବ କରନ୍ତି। ଏଭଳି ଏକ ଉଦାହରଣ ମଧ୍ୟପ୍ରଦେଶର ନର୍ମଦାପୁରମର ଶିବାନୀଙ୍କର ବୋଲି ସେ କହିଛନ୍ତି। ଯେତେବେଳେ ଶିବାନୀ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ପରିବାର କଠିନ ସମୟରେ ମଧ୍ୟ ଏପରି ନିଷ୍ପତ୍ତି ନେଇଥିଲେ, ଯାହା ଆମ ସମସ୍ତଙ୍କ ପାଇଁ ଏକ ପ୍ରେରଣା। ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ଶିବାନୀଙ୍କ ଅଙ୍ଗଦାନ କରିବା ଏକ ନିଷ୍ପତ୍ତି ଥିଲା। ଶିବାନୀଙ୍କ ପରିବାରର ଏହି ନିଷ୍ପତ୍ତି ସମାଜ ଏବଂ ଦେଶକୁ ଏକ ବଡ଼ ବାର୍ତ୍ତା ପଠାଇଛି।

## ବିଜେପି ରାଜ୍ୟ...

କାର୍ଯ୍ୟକ୍ରମର ନୂତନ ସଂସ୍କରଣ ଶୁଣିଛନ୍ତି । ସୋସିଆଲ ମିଡିଆରେ ସେ ଏ ସମ୍ପର୍କିତ ସୂଚନା ଦେଇଛନ୍ତି। ସେ ସୋସିଆଲ ମିଡିଆରେ ଲେଖିଛନ୍ତି ଆଜିର ସମ୍ବୋଧନରେ ମାନନୀୟ ପ୍ରଧାନମନ୍ତ୍ରୀ ଜୀ 'ମନ୍ କି ବାତ୍'କୁ ଦେଶବାସୀଙ୍କ ନିରନ୍ତର ପ୍ରୟାସକୁ ନିକଟରୁ ବୁଝିବା ଓ ସେମାନଙ୍କ ଅବଦାନକୁ ସମ୍ମାନ ଜଣାଇବାର ଏକ ପବିତ୍ର 'ତୀର୍ଥଯାତ୍ରା' ବୋଲି ବର୍ଣ୍ଣନା କରିଛନ୍ତି। ଏହା ସହିତ ଆଗାମୀ ପାର୍ବଣ ଋତୁ ପରିପ୍ରେକ୍ଷୀରେ ସ୍ଥାନୀୟ କାରିଗର, ବୁଣାକାର ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ଉତ୍ସାହିତ କରିବା ପାଇଁ 'ଭୋକାଲ୍ ଫର୍ ଲୋକାଲ୍'ର ଆହ୍ୱାନକୁ ଆହୁରି ସୁଦୃଢ଼ କରିବା ସହ ପ୍ରାକୃତିକ କୃଷି ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରତିଟି ଶବ୍ଦ ଆମକୁ 'ବିକଶିତ ଭାରତ' ସହ ଏକ 'ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ ନୂତନ ଶକ୍ତି, ଉତ୍ସାହ ଓ ସଂକଳ୍ପ ଯୋଗାଏ। ତାଙ୍କର ଏହି ପ୍ରେରଣାଦାୟୀ ବିଚାରକୁ ଆଧାର କରି ଜନଭାଗୀଦାରୀ ମାଧ୍ୟମରେ ଆମ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଆମେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ।

## ଦୁଇଟି ବଡ଼ ...

ବ୍ୟବହାର ଗ୍ରହଣୀୟ ନୁହେଁ। ଏହାକୁ କେବେ ମଧ୍ୟ ଯଥାର୍ଥ ବୋଲି ଦର୍ଶାଯାଇପାରିବ ନାହିଁ। ଜୟଶଙ୍କର କହିଛନ୍ତି ଯେ, ଏହି ସାଧାରଣ ବିପଦ ପ୍ରତି ବିଶ୍ୱକୁ ଅଧିକ ସଚେତନ ହେବାକୁ ପଡ଼ିବ। ଆତଙ୍କବାଦର ସମସ୍ତ ରୂପ ବିରୋଧରେ ଦୃଢ଼ ସଂକଳ୍ପ ସହ ସମସ୍ତ ଦେଶ ଏକଜୁଟ ହେବା ଆବଶ୍ୟକ। ମିଳିତ ଜାତିସଂଘ ଦିବସ ଅବସରରେ ଜୟଶଙ୍କର କହିଛନ୍ତି ଯେ, ମାନବ ସମାଜରେ ପ୍ରତିଯୋଗିତା ଓ ସହଯୋଗକୁ ନେଇ ସର୍ବଦା ଆଲୋଚନା ହୋଇଆସିଛି। ବୈଶ୍ୱିକ ସ୍ତରରେ ଏହା ବିଭିନ୍ନ ଦେଶ ମଧ୍ୟରେ ଥିବା ସମ୍ପର୍କରେ ପ୍ରତିଫଳିତ ହୋଇଥାଏ।

# କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ଅବସରରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପବିତ୍ର କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୋସିଆଲ ମିଡିଆ ପୋଷ୍ଟରେ ପବିତ୍ର କୁମାରୋତ୍ସବ ଓ ଗଜଲକ୍ଷ୍ମୀ ପୂଜା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟପକ୍ଷରେ, ସମ୍ବଲପୁର ସାଂସଦ ଶ୍ରୀ ପ୍ରଧାନ ପବିତ୍ର ଗଜଲକ୍ଷ୍ମୀ ପୂଜା ଓ କୁମାର ପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି।




ଭୁବନେଶ୍ୱର : ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ପ୍ରଦୀପ କୁମାର ଦେହୁରୀଙ୍କୁ ମାସ୍ ଏକ୍ସଲେନ୍ସ ଆୱାର୍ଡ-୨୦୨୬ରେ ସମ୍ମାନିତ କରୁଛନ୍ତି ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ନିକଟରେ ଅଛନ୍ତି ଅଭିନେତା ଚନ୍ଦନ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ବ୍ୟାସନଗରରେ ୧୮ଟି ମା'ଶ୍ୟାମାକାଳୀଙ୍କ ପୂଜା ପାଇଁ ମଣ୍ଡପକୁ ମାଟି ଉଠାଣ



**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲା ଐତିହାସିକ କଳା ସଂସ୍କୃତିର ମାଟି ବ୍ୟାସନଗରଠାରେ ଚଳିତବର୍ଷ ମହା ଆଡମ୍ବରରେ ଅନୁଷ୍ଠିତ ହେବ ମା'ଙ୍କକାଳୀ ପୂଜା। ଯାଜପୁର ଜିଲ୍ଲାର ପ୍ରସିଦ୍ଧ ତଥା ବ୍ୟାସନଗର ସହରର ଗଣପର୍ବ ମା' ଶ୍ୟାମାକାଳୀଙ୍କ ଉତ୍ସବ। ପରମ୍ପରା ଅନୁଯାଇ କୁମାର ପୂର୍ଣ୍ଣିମା ଦିନରେ ମା'ଶ୍ୟାମାକାଳୀ ପୂଜା ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାସନଗର ସହରର ଚୋରଦା କାଳୀପୂଜା କମିଟି ପକ୍ଷରୁ ମାଟି ଉଠାଣ ପୂଜା ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ କାଳୀ ମେଳଣ ପଡ଼ିଆରେ ଥିବା ହନୁମାନଙ୍କ ନିକଟରୁ ବିଧି ମୁତାବକ ପୂଜା ପାଠ ହୋମ କରାଯାଇ ମାଟି ଉଠାଯାଇଛି । ଏହି ସମୟରେ ମୁଖ୍ୟ କର୍ତ୍ତା ଭାବେ ପ୍ରମୋଦ କୁମାର ରାଉତ, ପୂଜକ ଟୁକୁ ଉପାଧ୍ୟାୟ ଯୋଗ ଦେଇଥିବା ବେଳେ କାଳୀପୂଜା କମିଟିର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ । ସେହିପରି ସହରର ଦଳା ପୂଜା କମିଟି, ଷ୍ଟିଲ ସିଟି, ଆରିୟନକ୍ଲବ, ନହକା ଛକ, ଗୋପବନ୍ଧୁ ନଗର, ରାଧାନାଥ ମାର୍ଗ, ଷ୍ଟେସନ ବଜାର, ନିଉ ମାର୍କେଟ, ପନ୍ଥୀକା, ଧବଳଗିରି, ଚାନ୍ଦମା ଥାନାଛକ, ଷ୍ଟାଡିୟମ ରୋଡ, ଟିଟିଏସ ସତ୍ୟନଗର, କୋପଣ୍ଡ, ରେଳବାଇ ପ୍ରଭୃତି ୧୮ ଗୋଟି ପୂଜା ମଣ୍ଡପର ମାଟିଉଠାଣ କାର୍ଯ୍ୟ ବାଜା ବାଣ ରୋଷଣୀ କରି ବଡ଼ ଧୂମାଧମରେ ମଣ୍ଡପ ଗୁଡିକ ନିକଟରେ ପହଞ୍ଚିଥିଲେ । ଆସନ୍ତା ୮ ତାରିଖରେ ସହରରେ କାଳୀପୂଜା ଅନୁଷ୍ଠିତ ହେବାକୁ ଯାଉଛି ଏଥିପାଇଁ କମିଟି ଗୁଡିକ ପକ୍ଷରୁ ପ୍ରସ୍ତୁତି ଜୋରଦାର ଧରିଛି ବୋଲି ସମସ୍ତ କମିଟ୍ ପକ୍ଷରୁ କୁହାଯାଇଛି।

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୬ ଅକ୍ଟୋବର, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27




ଶହୀଦନଗର


ଆଚାର୍ଯ୍ୟବିହାର ବଣିକ ସଂଘ


ବିଶ୍ୱଭାରତୀ ପୂଜା କମିଟି, ଗାଡକଣ


ୟୁନିଟ୍-୯ ଆନନ୍ଦବଜାର ଛକ

ଭୁବନେଶ୍ୱର : ଧରାପୃଷ୍ଠକୁ ଓହ୍ଲାଇଲେ ଧନଯାତ୍ରୀ ମା' ଗଜଲକ୍ଷ୍ମୀ । ଏଥିପାଇଁ ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ଓଡ଼ିଶାରେ ଉତ୍ସବର ମାହୋଲ। ରାଜଧାନୀର ବିଭିନ୍ନ ମଣ୍ଡପରେ ମା' ଅନ୍ନଦାତ୍ରୀଙ୍କ ମୃଣ୍ମୟୀମୂର୍ତ୍ତି ପୂଜା ପାଉଛନ୍ତି। (ଫଟୋ : ସମ୍ବାଦ କଳିକା)


ସୈନିକ ସ୍କୁଲ ଛକ, ଲକ୍ଷ୍ମୀ ବିହାର ବିକାଶ ପରିଷଦ

# ମୋଦୀଙ୍କୁ ବାଲୁକା କଳାରେ ସ୍ୱାଗତ କଲେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ




ଭୁବନେଶ୍ୱର, ୨୫/୧୦
ନ୍ୟୁଜ ବ୍ୟୁରୋ

ଓଡ଼ିଶା ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବାଲୁକା ଚିତ୍ରକଳାରେ ସ୍ୱାଗତ କଲେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଓଡ଼ିଶାକୁ ସ୍ୱାଗତ ଜଣାଇ ପୁରୀ ସମୁଦ୍ରକୂଳରେ ଏହି ସ୍ୱତନ୍ତ୍ର ବାଲୁକା କଳା ନିର୍ମାଣ କରି ସ୍ୱାଗତ ଜଣାଇଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ । ଏହି ସ୍ୱତନ୍ତ୍ର କଳାକୃତିରେ "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ, ଓଡ଼ିଶାକୁ ଆପଣଙ୍କୁ ସ୍ୱାଗତ" ବାର୍ତ୍ତା ରହିଛି। ଏହି ୮ ଫୁଟ ଉଚ୍ଚର ବାଲୁକା ଶିଳ୍ପରେ ବିଜ୍ଞାନ ଏବଂ ସଂସ୍କୃତିର ଏକ ଅନନ୍ୟ ମିଶ୍ରଣ ଦେଖିବାକୁ ମିଳିଛି । ଯେଉଁଥିରେ କୋଣାର୍କ ଚକ୍ର ସହିତ ଆରବିଆଇ ଡାଟା ସେଣ୍ଟରର ଏକ କ୍ଷୁଦ୍ର ପ୍ରତିକୃତି ସ୍ଥାନ ପାଇଛି। ଏହି ସୃଜନଶୀଳ କଳାକୃତି ଓଡ଼ିଶାର ଗୌରବମୟ ଐତିହ୍ୟ ଏବଂ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ୍ ଭିତ୍ତିଭୂମି କ୍ଷେତ୍ରରେ ଭାରତର ଅଗ୍ରଗତିର ସୁନ୍ଦର ସମନ୍ୱୟକୁ ଦର୍ଶାଉଛି। ସୁଦର୍ଶନ ସ୍ୟାଣ୍ଡ ଆର୍ଟ ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀମାନେ ଏହି ସ୍ୱତନ୍ତ୍ର କଳାକୃତି ନିର୍ମାଣରେ ସହଯୋଗ କରିଥିଲେ। ରବିବାର ଭୁବନେଶ୍ୱର ନିକଟସ୍ଥ ଜଟଣୀସ୍ଥିତ ଇନଫୋ ଭ୍ୟାଲି-୨ ଠାରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଡାଟା ସେଣ୍ଟର ଏବଂ ସାଇବର ସୁରକ୍ଷା ତାଲିମ ପ୍ରତିଷ୍ଠାନର ଉଦ୍‌ଘାଟନ କରିଥିଲେ ପ୍ରଧାନମନ୍ତ୍ରୀ। ଏହି ଅବସରରେ ବାଲୁକା କଳା ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଛନ୍ତି ସୁଦର୍ଶନ । ଏହି କଳାକୃତି ବିଷୟରେ ସୁଦର୍ଶନ ପଟ୍ଟନାୟକ କହିଛନ୍ତି, "ମୁଁ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଭୂମିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଉଛି। ମୁଁ ପ୍ରାର୍ଥନା କରୁଛି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଆଶୀର୍ବାଦ ଓଡ଼ିଶା ଏବଂ ଆମ ଦେଶର ବିକାଶ ଓ ସମୃଦ୍ଧି ପାଇଁ ତାଙ୍କର ଉଦ୍ୟମରେ ସଦାସର୍ବଦା ମାର୍ଗଦର୍ଶନ କରୁ। ଓଡ଼ିଶା ନିଜର ଗୌରବମୟ ଐତିହ୍ୟକୁ ବଜାୟ ରଖିବା ସହ ଏକ ଉଜ୍ଜ୍ୱଳ ଓ ଅଧିକ ସମୃଦ୍ଧ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉ।"

## ପୂର୍ବତନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ବଡ ବୟାନ

# ଦେଶର ବିକାଶ ପାଇଁ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ

ନୂଆଦିଲ୍ଲୀ, ୨୫/୧୦

ଭାରତର ପୂର୍ବତନ ମୁଖ୍ୟ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ରବିବାର ଦେଶର ବିକାଶ ପାଇଁ ସରକାରୀ ଏବଂ ବେସରକାରୀ ଉଭୟ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ଯଦି ଆମେ ଆମ ଦେଶର ଉନ୍ନତି ଏବଂ ବିକାଶ କରିବାକୁ ଚାହୁଁ, ତେବେ ଆମକୁ ଏହି ସଂସ୍ଥା ଗୁଡ଼ିକୁ ବଜାୟ ରଖିବାକୁ ପଡିବ।



ଦିଲ୍ଲୀରେ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ପୂର୍ବତନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, 'ଗଣତନ୍ତ୍ରରେ ଅନୁଷ୍ଠାନ ଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଗୁଡ଼ିକ ସରକାରୀ ସ୍ତରୀୟ କିମ୍ବା ବେସରକାରୀ ସ୍ତରୀୟ ପ୍ରତିଷ୍ଠାନ ହେଉ, ସେମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଆମେ ଆମ ଦେଶର ଉନ୍ନତି ଏବଂ ବିକାଶ କରିବାକୁ ଚାହୁଁ, ତେବେ ଆମକୁ ଏହି ସଂସ୍ଥା ଗୁଡ଼ିକୁ ଜାରି ରଖିବାକୁ ପଡିବ । ଏହା ସହିତ, ଯେଉଁ ସଂସ୍ଥା ଗୁଡ଼ିକ ଭଲ ଏବଂ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଆହୁରି ମଜବୁତ ଏବଂ ସଶକ୍ତ କରାଯିବା ଆବଶ୍ୟକ।'

ସେହିପରି ପୂର୍ବତନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ଏବଂ ସାର୍ବଜନୀନ ପ୍ରତିଷ୍ଠାନର ଭୂମିକା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ, 'ସାର୍ବଜନୀନ ହସ୍ପିଟାଲ ଗୁଡ଼ିକ ରୋଗୀ ସେବା ଏବଂ ସୁସ୍ଥତା ଦୃଷ୍ଟିରୁ, ବିଶେଷକରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଏହି ହସ୍ପିଟାଲ ଗୁଡ଼ିକ ଗରିବ, ଅଭାବୀ ଏବଂ ଦୂରଦୂରାନ୍ତରୁ ସରକାରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସୁଥିବା ଲୋକଙ୍କ ସେବା କରନ୍ତି।' ସେ ଆହୁରି ମଧ୍ୟ କହିଛନ୍ତି, 'ତେଣୁ, ଆମର ସରକାରୀ ହସ୍ପିଟାଲ ଓ ସାର୍ବଜନୀନ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଆହୁରି ମଜବୁତ ଏବଂ ସକ୍ଷମ କରିବାର ଜରୁରୀ ଆବଶ୍ୟକତା ଅଛି।' ୟୁନିଭର୍ସିଟି କଲେଜ ଅଫ୍ ମେଡିକାଲ ସାଇନସେସ୍ ଏବଂ ଜିଟିବି ହସ୍ପିଟାଲର ୫୫ ତମ ପ୍ରତିଷ୍ଠା ଦିବସ ଏବଂ ଡିଗ୍ରୀ ପ୍ରଦାନ ସମାରୋହକୁ ସମ୍ବୋଧିତ କରି ଜଷ୍ଟିସ ଚନ୍ଦ୍ରଚୂଡ଼ କହିଥିଲେ, 'ମୁଁ ବିଶ୍ୱାସ କରେ ନାହିଁ ଯେ ଜଣେ ବ୍ୟକ୍ତିଙ୍କ ବୟସ ତାଙ୍କ ଜ୍ଞାନ ଏବଂ ବୁଝାମଣାର ଗୁଣବତ୍ତା ପ୍ରତିଫଳିତ କରେ । ଭାରତ ଏକ ଯୁବ ଦେଶ, ଯୁବପିଢ଼ିର ଏକ ଦେଶ।' ଏପରି ଏକ ଯୁବ ଦେଶରେ, ଆମକୁ ଯୁବଶକ୍ତିର ଶକ୍ତି ଉପରେ ନିର୍ଭର କରିବାକୁ ପଡିବ, ଯାହା ଆପଣ ସମସ୍ତେ ପ୍ରତିନିଧିତ୍ୱ କରନ୍ତି ।'

# ବିଶିଷ୍ଟ ସାହିତ୍ୟିକା ଲକ୍ଷ୍ମୀ ଚାନ୍ଦଙ୍କୁ ବୈଶିଷ୍ଟ୍ୟ ସମ୍ମାନ

ଭୁବନେଶ୍ୱର, ୨୫/୧୦
ନ୍ୟୁଜ ବ୍ୟୁରୋ




ରବିବାର ଅପରାହ୍ନରେ ସ୍ଥାନୀୟ ବୁଦ୍ଧ ମନ୍ଦିର ସଭା କକ୍ଷରେ 'ବୈଶିଷ୍ଟ୍ୟ' ପାଳନ କରିଛି ତା'ର ତୃତୀୟ ବାର୍ଷିକ ଉତ୍ସବ। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ, ବିଶିଷ୍ଟ ଲେଖିକା ସଂଘମିତ୍ରା ମିଶ୍ର, ଯୁବ ସାହିତ୍ୟିକ ଡ. ସୁବ୍ରତ କୁମାର ସେନାପତି ଯୋଗ ଦେଇ 'ବୈଶିଷ୍ଟ୍ୟ'ର ସାହିତ୍ୟ ଭିତ୍ତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। 'ବୈଶିଷ୍ଟ୍ୟ'ର ମୁଖିଆ ଲେଖକ ଡ଼ୋଳାମଣୀ ତ୍ରିପାଠୀ ଏବଂ ସମ୍ପାଦିକା ଶ୍ୱେତପଦ୍ମା ପାଢୀ ତ୍ରିପାଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ବଲପୁର ଆକାଶବାଣୀ ଉପସ୍ଥାପିକା ମିତା ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବୈଶିଷ୍ଟ୍ୟର ଅନ୍ୟାନ୍ୟ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକା ଲକ୍ଷ୍ମୀ ଚାନ୍ଦଙ୍କୁ 'ବୈଶିଷ୍ଟ୍ୟ ସମ୍ମାନ'ରେ ସମ୍ମାନୀତ କରାଯାଇଥିଲା। ଏହା ସହ ମୌସୁମୀ ଦାସ, ସସ୍ମିତା ମହାନ୍ତି, ସୁରଞ୍ଜନ ପାତ୍ର ଏବଂ ଅନ୍ୟାନ୍ୟ ଅନେକ କୃତି ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନ ପ୍ରଦାନ ଉତ୍ସବ ପରେ ଅନେକ ଗୁଡିଏ ସାହିତ୍ୟ ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଥିରେ ଅନେକ ପ୍ରତିଯୋଗୀ ଭାଗ ନେଇଥିଲେ।

# ବାତ୍ୟା ପାଇଁ ଆଲର୍ଟ ଖୋର୍ଦ୍ଧା ପ୍ରଶାସନ : ୨୯ ଯାଏଁ ଚିଲିକା ଓ ନଦୀରେ ମାଛ ଧରିବା ମନା

ଖୋରଧା, ୨୫/୧୦
ନ୍ୟୁଜ ବ୍ୟୁରୋ

ସମ୍ଭାବ୍ୟ ବାତ୍ୟା ମୁକାବିଲା ନିମନ୍ତେ ଖୋରଧା ପ୍ରଶାସନ ପକ୍ଷରୁ ଭିଡିଓ କନଫରେନ୍ସ ଜରିଆରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାପାଳ ମୁଖ୍ୟତଃ ଜିରୋ କାଜୁଆଲଟି ଉପରେ ଫୋକସ୍ ଦେଇଥିଲେ । ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ମାଛ ଧରିବାକୁ ମତ୍ସ୍ୟଜୀବୀଙ୍କୁ ଚିଲିକା ଓ ନଦୀ ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ସେହିପରି ଆଗାମୀ ୧୫ ଦିନ ମଧ୍ୟରେ ପ୍ରସବ ହେବାର ସମ୍ଭାବ୍ୟ ତାରିଖ ଥିବା ୫୩୯ ଜଣ ଗର୍ଭବତୀଙ୍କୁ ଆବଶ୍ୟକସ୍ଥଳେ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ମହିଳା ଓ ଶିଶୁ ବିକାଶ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାବ୍ୟାପୀ ୫୧ ବହୁମୁଖୀ ଓ ୩୭୯ଟି ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି । ତେଣୁ ଆଶ୍ରୟସ୍ଥଳୀଗୁଡ଼ିକରେ ପାନୀୟ ଜଳ, ପରିମଳ, ବିଦ୍ୟୁତ୍ ଯୋଗାଣ ଏବଂ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ତଳିଆ ଓ ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇଥିବା ବେଳେ ଆବଶ୍ୟକ ପଡ଼ିଲେ ସେମାନଙ୍କୁ ସ୍ଥାନାନ୍ତର କରିବାକୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ସ୍ଥାନୀୟ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ନେଇ ଏକ କମିଟି ଗଠନ ହୋଇଛି । ସେହିପରି ଜିଲ୍ଲା ଜରୁରିକାଳୀନ ବିଭାଗରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବା ସହ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ୮ଟି ମୋଟର ଚାଳିତ ଡଙ୍ଗା ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। କୌଣସି ସ୍ଥାନରେ ବାତ୍ୟା ଓ ବନ୍ୟାରେ ରାସ୍ତା ଅବରୋଧ ହେଲେ ଯାତାୟାତକୁ ଯୁଦ୍ଧକାଳୀନ ଭାବେ ସ୍ୱାଭାବିକ ପାଇଁ ଆବଶ୍ୟକ ଯନ୍ତ୍ରପାତି ମହଜୁଦ ରଖିବାକୁ ଅଗ୍ନିଶମ ବିଭାଗ ଓ ଲାଇନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଚିଲିକା ଓ ନଦୀ ଉପକୂଳ ଉପରେ ତୀକ୍ଷ୍ଣ ନଜର ରଖିବା ସହ ଜଳ ପ୍ରବେଶ, ପଚ୍ଛୁଆ ଜଳପ୍ରବାହ ଏବଂ ଜଳବନ୍ଦୀ ସମସ୍ୟାର ଆଶଙ୍କା ଉପରେ ଧ୍ୟାନ ଦେବାକୁ ସମସ୍ତ ବିଡିଓ ଏବଂ ତହସିଲଦାରଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ଜିଲ୍ଲାର ପାଞ୍ଚଟି ଗୋଦାମ/ସଂରକ୍ଷଣ କେନ୍ଦ୍ରରେ ପ୍ରାୟ ୧,୧୨,୫୩୮ କୁଇଣ୍ଟାଲ ଚାଉଳ, ୨୫୨ କୁଇଣ୍ଟାଲ ଚୁଡ଼ା ଓ ୧୯୭ କୁଇଣ୍ଟାଲ ଗୁଡ଼ ଗଚ୍ଛିତ ଥିବା ଯୋଗାଣ ବିଭାଗ ସୂଚନା ଦେଇଛି। ଜରୁରିକାଳୀନ ବ୍ୟବହାର ପାଇଁ ଜିଲ୍ଲାରେ ୨,୩୮୩ ପ୍ୟାକେଟ୍ ପଲିଥିନ୍ ମଧ୍ୟ ମହଜୁଦ ଥିବା ବେଳେ ଗୃହପାଳିତ ପଶୁଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ସେହିପରି ସାପକାମୁଡ଼ା ଇଂଜେକସନ୍ ଓ ଅନ୍ୟାନ୍ୟ ଔଷଧ ମହଜୁଦ ରଖିବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, ଅଗ୍ନିଶମ ବିଭାଗ ଓ ଜରୁରୀକାଳୀନ ବିଭାଗ ଅଧିକାରୀ ବୈଠକରେ ସାମିଲ ହୋଇଥିଲେ ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଦୁଇ ଟ୍ରେଲର ମୁହାଁମୁହିଁ
# ୨ଡ୍ରାଇଭର ଜୀବନ୍ତ ଦଗ୍ଧ

ସୁନ୍ଦରଗଡ଼, ୨୫/୧୦ ନ୍ୟୁଜ ବ୍ୟୁରୋ

ସୁନ୍ଦରଗଡ଼ ଅଉଁଳା ବାହାଲ ଛକରେ ଭୟଙ୍କର ଦୁର୍ଘଟଣା। ମୁହାଁମୁହିଁ ଧକ୍କା ହେବାପରେ ଜଳିଗଲେ ଦୁଇ ଟ୍ରେଲର । ଦୁଇ ଗାଡିର ଚାଳକ ଜୀବନ୍ତ ଦଗ୍ଧ ହୋଇଛନ୍ତି। ରାତି ପ୍ରାୟ ଗୋଟାଏ ବେଳେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ ବିହାରର ଚନ୍ଦନ କୁମାର ଯାଦବ ଓ ଝାଡଖଣ୍ଡର ମଣ୍ଟୁ ଯାଦବ । ସୂଚନାନୁଯାୟୀ, ଲେଫ୍ରିପଡା ଥାନା ଅଉଁଳା ବାହାଲ ଛକ ନିକଟରେ ଏହି ଛାତିଥରା ଦୁର୍ଘଟଣା ଘଟିଛି। ଦୁଇଟି ଟ୍ରେଲର ଧକ୍କା ହେବାପରେ ହୁତୁହୁତୁ ହୋଇ ଜଳିଯାଇଛି । ନିଆଁରେ ପୋଡ଼ି ଉଭୟ ଗାଡ଼ିର ଚାଳକଙ୍କ ମୃତ୍ୟୁ ହୋଇଛି। ଲେଫ୍ରିପଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଦୁଇଟି ଗାଡ଼ି ସମ୍ପୂର୍ଣ୍ଣ ଜଳିଯାଇଥିଲା।

# ୨ କୋଟିରୁ ଊର୍ଦ୍ଧ୍ୱ ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଭିଜିଲାନ୍ସ ଜାଲରେ ବନଖଣ୍ଡ ଅଫିସର

ନୂଆପଡ଼ା, ୨୫/୧୦
ନ୍ୟୁଜ ବ୍ୟୁରୋ



ମିଥ୍ୟା ବିଲ୍ ପ୍ରସ୍ତୁତ କରି ସରକାରଙ୍କ ଆଖିରେ ଧୂଳି ଦେଉଥିଲେ । ସମୁଦାୟ ୨ କୋଟି ୬୦ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା । ମାମଲାର ତଦନ୍ତ ଭାର ଗ୍ରହଣ କରିଥିଲା ଓଡ଼ିଶା ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ । ଅଭିଯୁକ୍ତ ଜଣକ ହେଉଛନ୍ତି ସୁନାବେଡ଼ା ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟର ବରିଷ୍ଠ ସହାୟକ ବବଲୁ ସୁନା। ସେ ୬ମାସ ଧରି ଚାକିରିରୁ ନିଲମ୍ବିତ ହେବା ପରେ ଫେରାର ଥିଲେ। ରବିବାର ଓଡ଼ିଶା ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଭିଯୁକ୍ତଙ୍କୁ ବଲାଙ୍ଗୀରରୁ ଗିରଫ କରିଛି। ନୂଆପଡ଼ା ଜିଲ୍ଲା ସୁନାବେଡା ବନ୍ୟ ପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ସହାୟକ ବବଲୁ ସୁନା ସରକାରୀ ଅର୍ଥ ହଡପ କରିଥିବା ଦୀର୍ଘ ଦିନରୁ ଅଭିଯୋଗ ହୋଇଆସୁଥିଲା। ଅଭିଯୋଗ ପରେ ବିଭାଗ ପକ୍ଷରୁ ବିଭାଗୀୟ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ସରକାରୀ ଅର୍ଥ ଆତ୍ମସାତ୍ ଘଟଣାରେ ବବୁଲୁ ସୁନାଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ତାଙ୍କୁ ୬ ମାସ ପୂର୍ବରୁ ବିଭାଗୀୟ ଚାକିରିରୁ ନିଲମ୍ବନ କରାଯାଇଥିଲା । ଏହା ପରେ ସେ ଫେରାର୍ ରହିଥିଲେ। ଶନିବାର ରାତିରେ ଓଡ଼ିଶା ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ କୌଣସି ସୂତ୍ରରୁ ଖବର ପାଇ ବଲାଙ୍ଗୀରରୁ ଅଭିଯୁକ୍ତ ବବଲୁ ସୁନାଙ୍କୁ ଗିରଫ କରିବାରେ ସଫଳ ହୋଇଛି ।

## କେନ୍ଦ୍ରାପଡ଼ାରେ ଗଜଲକ୍ଷ୍ମୀ ପୂଜା ପାଇଁ ହାଇଆଲର୍ଟ

# ସହର ଭିତରକୁ ଭାରୀଯାନ ପ୍ରବେଶ ମନା : ୨୦ ପ୍ଲାଟୁନ୍ ଫୋର୍ସ ମୁତୟନ

କେନ୍ଦ୍ରାପଡ଼ା ୨୫/୧୦
ନ୍ୟୁଜ ବ୍ୟୁରୋ

ରବିବାର କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜାଆରମ୍ଭ ହୋଇଛି। ମା'ଲକ୍ଷ୍ମୀ ଧରାବତରଣ କରିଛନ୍ତି। ସହରର ୬ଟି ପୂଜା କମିଟି ଖଡ଼ିଅଙ୍ଗ, କାକଟମଙ୍ଗଳା, ବିମ୍ବଳାଇ, ଗଙ୍ଗାଭଗୀରଥ, ସାନମଙ୍ଗଳାର ରାଧାକୃଷ୍ଣ ଓ ବାସୁଳେଇ କ୍ଲବ୍ ମା'ଙ୍କ ପାଇଁ ଚାନ୍ଦି ମେଢ଼ ପ୍ରସ୍ତୁତ କରିଛନ୍ତି। ପରବର୍ତ୍ତୀ ସମୟରେ ଅନ୍ୟ କମିଟିଗୁଡ଼ିକ ଏହି ଧାରାରେ ସାମିଲ ହୋଇଛନ୍ତି । ଅନ୍ଦେ ବହୁତେ ମେଢ଼ରେ ଚାନ୍ଦି ବ୍ୟବହାର କରାଯାଇଛି। ଚାନ୍ଦିମେଢ଼ ସାଙ୍ଗକୁ ସ୍ୱର୍ଣ୍ଣ ଆଭୂଷଣ ବି ଦେଖିବାକୁ ମିଳିଛି। ଏକ୍ଷେତ୍ରରେ ମଢ଼ିଆଳର ଗଙ୍ଗା ଭଗୀରଥ ପୂଜା କମିଟି ଆଉ ପାଦେ ଆଗେଇ ଯାଇଛି। ଏଥର ମା'ଙ୍କ ମୁକୁଟରେ ୬୦୦ ଗ୍ରାମ୍ ଓଜନର ସୁନା ବ୍ୟବହାର କରିଛି କମିଟି। ଯାହାର ମୂଲ୍ୟ ପ୍ରାୟ ୯୦ ଲକ୍ଷ ଟଙ୍କା ହେବ ବୋଲି କମିଟି ତରଫରୁ କୁହାଯାଇଛି । ଏପଟେ ପୂଜାକୁ ଦୃଷ୍ଟିରେ ରଖି ସହର ସମେତ ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରାଯାଇଛି । ଜରୁରିକାଳୀନ ସେବାରେ ନିୟୋଜିତ ଯାନବାହନକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି । ପୂଜା ଓ ମେଳଣ ସମୟରେ ସହରରେ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ୱାନ ୱେ ଟ୍ରାଫିକ୍ ଉପରେ ଗୁରୁତ୍ୱାରୋପ କରାଯାଇଛି । ସାରା ସହରାଞ୍ଚଳ ଏବେ ପୁଲିସ ଛାଉଣି ହୋଇଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସୁରକ୍ଷା ପାଇଁ ପ୍ରାୟ ୨୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ମେଳଣ ପାଇଁ ଅଧିକ ୩୦ ପ୍ଲାଟୁନ ଫୋର୍ସ ମଗାଯାଇଛି। ଏସ୍‌ପି ଶ୍ରୀ କଟ୍ଟାରିଆଙ୍କ ତତ୍ତ୍ୱାବଧାନରେ ଜଣେ ଅତିରିକ୍ତ ଏସ୍‌ପି, କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ଏସ୍‌ଡ଼ିପିଓ, ୬ଜଣ ଡିଏସ୍‌ପି, ୨୨ଜଣ ଇନ୍ସପେକ୍ଟର, ୧୫୦ ଏସ୍‌ଆଇ, ଏଏସ୍‌ଆଇ, ୫୪ ହାବିଲଦାର, ୨୫୦ କନଷ୍ଟେବଲ, ୭୫୦ ହୋମଗାର୍ଡ ସହରର ଆଇନଶୃଙ୍ଖଳା ପରିସ୍ଥିତି ସମ୍ଭାଳୁଛନ୍ତି। ଏତଦ୍ଭିନ୍ନ ୯ଟି ସଶସ୍ତ୍ର ବାହିନୀ ଗଠନ କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଯାଞ୍ଚକୁ ବାଧ୍ୟତାମୂଳକ କରାଯାଇଛି । ସହର ମଧ୍ୟକୁ ସଂଯୋଗ କରୁଥିବା ସମସ୍ତ ପ୍ରବେଶ ପଥରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି । ୭ଟି ମୋବାଇଲ ସ୍କ୍ୱାଡ୍ ସବୁଆଡ଼େ ପଇଁତରା ମାରୁଥିବା ବେଳେ ସହରର ୬ ଅସ୍ଥାୟୀ ଫାଣ୍ଡିରେ ଗୋଟିଏ ପ୍ଲାଟୁନ ଲେଖାଏଁ ପୁଲିସ ଫୋର୍ସ ମୁତୟନ ରହିଛନ୍ତି। ଏଥିସହ ଏସଡିପିଓଙ୍କ ତତ୍ତ୍ୱାବଧାନରେ ୧ରୁ ୨ ପ୍ଲାଟୁନ ଫୋର୍ସ ନିୟୋଜନ କରାଯାଇଛି, ଯେଉଁମାନଙ୍କୁ ଜରୁରିକାଳୀନ ସେବାରେ ନିଯୁକ୍ତି କରାଯାଇଛି । ମଦ ଧରପଗଡ଼ ଟିମ୍ ବି ପ୍ରସ୍ତୁତ ହୋଇଛି । ଏହାବାଦ୍ ଅନ୍ୟ ଅପରାଧିକ କାର୍ଯ୍ୟକଳାପ ଉପରେ ପୁଲିସ ନଜର ରଖିଥିବା ଟାଉନ୍ ପୁଲିସ ସୂଚନା ଦେଇଛି।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com